# ମୁଖ୍ୟ କାର୍ଯ୍ୟାବଳୀ

## ୨୦୨୩-୨୦୨୪



### ସ୍ୱରାଷ୍ଟ୍ର ବିଭାଗ

ଓଡ଼ିଶା ସରକାର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| ୧ | ପୋଲିସ ସଂଗଠନ | ୨-୨୫ |
| ୨ | ତାଲିମ ଓ ମାନବ ସମ୍ବଳ | ୨୬-୨୮ |
| ୩ | କାରାଗାର ସଂଗଠନ | ୨୯-୩୨ |
| ୪ | ଅଗ୍ନିଶମ ସେବା ସଂଗଠନ | ୩୩-୩୫ |
| ୫ | ବେସାମରିକ ପ୍ରତିରକ୍ଷା ସଂଗଠନ | ୩୬-୩୭ |
| ୬ | ଗୃହରକ୍ଷୀ ସଂଗଠନ | ୩୮-୩୯ |
| ୭ | ନ୍ୟାୟ ପାଳିକା | ୪୦-୪୧ |
| ୮ | ନିର୍ବାଚନ | ୪୨-୪୫ |
| ୯ | ରାଜ୍ୟ ସୈନିକ ବୋର୍ଡ | ୪୬-୪୯ |
| ୧୦ | ରାଜ୍ୟ ଅତିଥି ଭବନ | ୫୦-୫୪ |
| ୧୧ | ଅଭିଯୋଜନ ନିର୍ଦ୍ଦେଶାଳୟ | ୫୫-୫୬ |
| ୧୨ | ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ | ୫୭-୫୯ |

# ଉପକ୍ରମଣିକା

ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଆରକ୍ଷୀ ଶାସନର ମୂଳାଧାର । ଏହି ବିଭାଗ ଆଇନ ଶୃଙ୍ଖଳା, ଅପରାଧ ପ୍ରତିରୋଧ ଓ ନିୟନ୍ତ୍ରଣ, ଦଣ୍ଡ ଅଭିଯୋଜନ, ଅଗ୍ନିଶମ ସେବା ଏବଂ କାରାଗାର ଇତ୍ୟାଦିର ନିୟନ୍ତ୍ରଣ କରିଥାଏ । ରାଜ୍ୟ ସଚିବାଳୟ ସେବା ଏହି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ସଚିବାଳୟର ଏ.ଏସ.ଓ., ଟାଇପିଷ୍ଟ, କ୍ଷିପ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ଓ ଓଡିଶା ସଚିବାଳୟ ସେବାର ସାଧାରଣ କ୍ୟାଡର ଏହି ବିଭାଗଦ୍ୱାରା ନିୟନ୍ତ୍ରିତ ହୁଏ । ଏହାଛଡା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସଂସ୍ଥା ଗୁଡିକୁ ଏହି ବିଭାଗ ଦେଖାଶୁଣା କରିଥାଏ । ସଂସଦୀୟ ଓ ରାଜ୍ୟ ବିଧାନସଭା ନିର୍ବାଚନ ଏହି ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ । ଏହା ସାମରିକ ସେବା ଓ ବେସାମରିକ ସହଯୋଗ ଏବଂ ସାମରିକ ପ୍ରକଳ୍ପ ପ୍ରତିଷ୍ଠାରେ ଯୋଗସୂତ୍ର ରଖିଥାଏ । ରାଜ୍ୟ-ଅତିଥି ମାନଙ୍କର ସମୁଚିତ ମାନ୍ୟତା ପ୍ରଦାନ ସହ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନ, ନୂଆଦିଲ୍ଲୀସ୍ଥିତ ଓଡିଶା ନିବାସ, ଓଡିଶା ସଦନ ଓ ଓଡିଶା ଭବନ, କୋଲକାତାର ଉତ୍କଳ ଭବନ, ମୁମ୍ବାଇର ଭାସିସ୍ଥିତ ଓଡ଼ିଶା ଭବନ ତଥା ଚେନ୍ନାଇସ୍ଥିତ ଓଡିଶା ଭବନ ଏହି ବିଭାଗଦ୍ୱାରା ପରିଚାଳିତ ହୋଇଥାଏ ।

# ପ୍ରଥମ ଅଧ୍ୟାୟ

## ପୋଲିସ ସଂଗଠନ

### ୧.୧ ସାଧାରଣ ଆଇନ ଶୃଙ୍ଖଳା

୨୦୨୩ ମସିହାରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା ।

### ରାଜନୈତିକ କାର୍ଯ୍ୟକଳାପ:

୨୦୨୩ ମସିହାରେ ସମସ୍ତ ରାଜନୈତିକ ଦଳ, କର୍ମୀ ସମ୍ମିଳନୀ, ସାଧାରଣ ସଭା, ଜନସମ୍ପର୍କ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସମର୍ଥନ ହାସଲ କରିବା ପାଇଁ ଚେଷ୍ଟା କରିଥିଲେ । ଏହା ଛଡା, ବିରୋଧୀ ରାଜନୈତିକ ଦଳ ଓ ସେମାନଙ୍କର ସାମ୍ମୁଖ୍ୟ ସଙ୍ଗଠନମାନେ କେତେକ ସ୍ଥାନୀୟ ସମସ୍ୟାକୁ ନେଇ ଆନ୍ଦୋଳନ କରିଥିଲେ । ପ୍ରଶାସନ ଓ ପୁଲିସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ ସମସ୍ୟା ସୂଚାରୁ ରୁପେ ନିୟନ୍ତ୍ରିତ ହୋଇଥିଲା ।

ଗତ ତା ୦୩.୦୪.୨୦୨୩ ରିଖରେ ହିନ୍ଦୋଳ ଏବଂ ଅତାବିରା ପୌରାଞ୍ଚଳ ନିର୍ବାଚନ ଏବଂ ତା ୧୦.୦୫.୨୦୨୩ ରିଖରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଉକ୍ତ ନିର୍ବାଚନ ଗୁଡିକ ଅଭିସୂଚନା ବିଭାଗର ଗୁଇନ୍ଦା ତଥ୍ୟ ଆଧାରରେ ପୁଲିସର ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା ।

ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଅନେକ କାରଣ ଯୋଗୁଁ ଖାଲି ପଡିଥିବା ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ପଞ୍ଚାୟତ ସମିତିସଭ୍ୟ, ଏବଂ ୱାର୍ଡ ସଭ୍ୟ ପଦବୀ ଯଥାକ୍ରମେ ଗତ ତା ୦୨.୦୫.୨୦୨୩ ରିଖ ଏବଂ ତା ୦୯.୦୮.୨୦୨୩ ରିଖରେ ହୋଇଥିବା ଉପ ନିର୍ବାଚନ, ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ଅଧକ୍ଷ ଏବଂ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ପୌରାଞ୍ଚଳ ଅଧକ୍ଷ ପଦବୀ ନିମନ୍ତେ ଯଥାକ୍ରମେ ତା ୦୪.୧୦.୨୦୨୩ ରିଖ ଏବଂ ତା ୨୯.୧୧.୨୦୨୩ ରିଖରେ ହୋଇଥିବା ଉପ ନିର୍ବାଚନ ଗୁଡିକ ପୁଲିସର ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳାର ସହିତ ସମାହିତ ହୋଇଥିଲା ।

### ସାମ୍ପ୍ରଦାୟିକ ପରିସ୍ଥିତି:

୨୦୨୩ ମସିହାରେ ରାଜ୍ୟରେ ସାମ୍ପ୍ରଦାୟିକ କାର୍ଯ୍ୟକଳାପ ମୋଟାମୋଟି ଭାବରେ ଶାନ୍ତିପୂର୍ଣ୍ଣ ରହିଥିଲା । ରାଜ୍ୟରେ ସମସ୍ତ ସମ୍ପ୍ରଦାୟର ମୁଖ୍ୟ ପର୍ବପର୍ବାଣୀ ଓ ମେଳା ମହୋତ୍ସବ ଗୁଡିକ କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜି, ଆନନ୍ଦ, ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିଲା । ୨୦୨୩ ମସିହାରେ ୪୨ ଥର ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ବିଦ୍ୱେଷ ଦେଖାଦେଇଥିବା ବେଳେ ୦୬ ଥର ହିନ୍ଦୁ-ଖ୍ରୀଷ୍ଟିୟାନ ବିଦ୍ୱେଷ ଦେଖାଦେଇଥିଲା । ସ୍ଥାନୀୟ ପୁଲିସ ଓ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ସମୟୋଚିତ ପଦକ୍ଷେପ ଯୋଗୁଁ କୌଣସି ସାମୟିକ

ଉତ୍ତେଜନା କିମ୍ବା ବଡଧରଣର ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିନଥିଲା ।

ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା ପାଇଁ ସରକାର ଏକ "ରାଜ୍ୟସ୍ତରୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ସମନ୍ୱୟ ସମିତି" ଗଠନ କରିଛନ୍ତି । ରାଜ୍ୟର ସାମ୍ପ୍ରଦାୟିକ ସ୍ଥିତିକୁ ସମୀକ୍ଷା କରିବା ସହିତ ଏହି ସମିତିର ନିଷ୍ପତ୍ତି ଅନୁଯାୟୀ ପଦକ୍ଷେପ ନିଆଯାଇଛି । ସାମ୍ପ୍ରଦାୟିକ ଉତ୍ତେଜନାର ନିରାକରଣ ତଥା ନିୟନ୍ତ୍ରଣ ଏବଂ ସଦ୍‌ଭାବନା ବଜାୟ ରଖିବା ପାଇଁ ଏକ କାର୍ଯ୍ୟବିଧି ପୁସ୍ତିକା ପ୍ରଣୟନ କରାଯାଇ ସମ୍ପୃକ୍ତ ପ୍ରାଧିକାରୀମାନଙ୍କୁ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ପ୍ରେରଣ କରାଯାଇଛି ।

### ଶିଳ୍ପ ବାତାବରଣ:

ଦ୍ରୁତ ଶିଳ୍ପାୟନ ଦ୍ୱାରା ରାଜ୍ୟର ଭିତ୍ତିଭୂମିର ଉନ୍ନତି କରିବା ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ ଅଛନ୍ତି । ରାଜ୍ୟରେ ପ୍ରଚୁର କଞ୍ଚାମାଲ ମିଳିବା ସହିତ ଅତି ଉନ୍ନତ ଭିତ୍ତିଭୂମିର ସୁବିଧା ହେତୁ ବଡ ବଡ ଶିଳ୍ପପତିମାନେ ରାଜ୍ୟରେ କାରଖାନା ବସାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ପରନ୍ତୁ, ବିରୋଧୀ ରାଜନୈତିକ ଦଳମାନେ ସେମାନଙ୍କ ରାଜନୈତିକ ଫାଇଦା ହାସଲ ପାଇଁ ଶିଳ୍ପ ବିରୋଧୀ ଗୋଷ୍ଠୀଙ୍କ ସହ ମିଶି ଜମିହରାଙ୍କ ସ୍ୱାର୍ଥରକ୍ଷା, ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜମି ଅଧିଗ୍ରହଣ, ପୁନର୍ବାସ, କ୍ଷତିପୂରଣ ପ୍ରଦାନ, ନିଯୁକ୍ତି ସୁବିଧା, ପାରିପାର୍ଶ୍ୱିକ ଉନ୍ନତି, ଚାଷ ଓ ପରିବେଶ ପ୍ରଦୂଷଣ ଇତ୍ୟାଦି ନାଁରେ ଶିଳ୍ପାୟନ ବିରୋଧରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଚଳାଇ ଆସୁଛନ୍ତି । ଏତେସବୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ତଥା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପୁଲିସ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଚାରୁରୂପେ ନିୟନ୍ତ୍ରଣ କରିବା ସହିତ ରାଜ୍ୟ ସରକାରଙ୍କ ଶିଳ୍ପାୟନକୁ ଆଗେଇ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

### ଶ୍ରମ ଓ ସେବା ସମସ୍ୟା:

ଶ୍ରମ ଓ ସେବା ସଙ୍ଗଠନଗୁଡିକ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନଥିଲେ । କିନ୍ତୁ କେତେକ ଶିଳ୍ପାନୁଷ୍ଠାନର କର୍ମଚାରୀ / ଶ୍ରମିକମାନେ ମଜୁରି ବୃଦ୍ଧି, କାରଖାନାର ପୁନଃ ପରିଚାଳନା, ବକେୟା ପାଉଣା ପ୍ରଦାନ, ଠିକା କର୍ମଚାରୀଙ୍କର ବେତନ ସମ୍ପର୍କରେ ପୁନର୍ବିଚାର ଇତ୍ୟାଦି ଦାବୀଗୁଡିକ ରାଜ୍ୟ ସରକାରଙ୍କ ଦ୍ୱାରା ସହୃଦୟତାର ସହିତ ବିଚାର କରାଯାଇଥିଲା ।

### ଛାତ୍ର ସମସ୍ୟା:

୨୦୨୩ ମସିହାରେ ରାଜ୍ୟବ୍ୟାପୀ କୌଣସି ଛାତ୍ର ଅସନ୍ତୋଷ ଦେଖାଯାଇ ନଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ଫି, ପ୍ରବେଶିକା ଫି ଛାଡ ଏବଂ ପରୀକ୍ଷାରେ କରାଯାଇଥିବା ମୂଲ୍ୟାଙ୍କନ ବିରୁଦ୍ଧରେ ତଥା ଅନ୍ୟାନ୍ୟ ଦାବିରେ କେତେକ ସ୍ଥାନରେ ଧାରଣା, ବିକ୍ଷୋଭ ଆଦି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଜରିଆରେ ସରକାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । କିନ୍ତୁ ପୋଲିସ ଓ ପ୍ରଶାସନିକ

ତତ୍ପରତା ଯୋଗୁଁ ସମସ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସୁଚାରୁରୂପେ ସମାହିତ ହୋଇଥିଲା ।

## ବିବିଧ ସମସ୍ୟା:

ଏହି ବର୍ଷ ବିଭିନ୍ନ ସମୟରେ ଦୃଷ୍ଟିଗୋଚର ହୋଇଥିବା କେତେକ ଆଦିବାସୀ ସଙ୍ଗଠନ ଦ୍ୱାରା ଜଳ, ଜଙ୍ଗଲ ଓ ଜମିରେ ଆଦିବାସୀଙ୍କ ଅଧିକାର, ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ ଇତ୍ୟାଦିକୁ ନେଇ ଆନ୍ଦୋଳନ, ଦଳିତ/ନାରୀ ସଙ୍ଗଠନମାନଙ୍କ ଦ୍ୱାରା ସେମାନଙ୍କ ଉପରେ ବୃଦ୍ଧିପାଉଥିବା ଅତ୍ୟାଚାରକୁ ନେଇ ଆନ୍ଦୋଳନ, ବିଭିନ୍ନ ସ୍ୱେଚ୍ଛାସେବୀ ତଥା ନାରୀସଙ୍ଗଠନ ଦ୍ୱାରା ଅବୈଧ ମଦ ବ୍ୟବସାୟ ଅଞ୍ଚଳକୁ ମଦମୁକ୍ତ କରିବାକୁ ନେଇ ଆନ୍ଦୋଳନ, ବିଭିନ୍ନ କୃଷକ ସଙ୍ଗଠନ ମୁଖ୍ୟତଃ ନବନିର୍ମାଣ କୃଷକ ସଙ୍ଗଠନ ଦ୍ୱାରା କୃଷିଜାତ ଦ୍ରବ୍ୟର ମୂଲ୍ୟ, ପେନସନ ଓ ସମ୍ମାନ ତଥା ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଦ୍ୱାରା କୃଷିରଣ ଛାଡ, କୃଷକଙ୍କଠାରୁ ଧାନକ୍ରୟ, କୃଷିଜାତଦ୍ରବ୍ୟ ହାନି ତଥା ଚାଷୀ ଆତ୍ମହତ୍ୟା ଜନିତ କ୍ଷତିପୂରଣ ଇତ୍ୟାଦିକୁ ନେଇ ଆନ୍ଦୋଳନ, "ସୁନ୍ଦରଗଡ ଜିଲ୍ଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ" ଦ୍ୱାରା ବିଭିନ୍ନ ସମସ୍ୟାକୁ ନେଇ କରାଯାଇଥିବା ଆନ୍ଦୋଳନ, ଜମା କରିଥିବା ରାଶିକୁ ତୁରନ୍ତ ଜମାକାରୀଙ୍କୁ ଫେରସ୍ତ କରିବା ଦାବୀରେ "ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ" ଦ୍ୱାରା ଆନ୍ଦୋଳନ, ରାଜ୍ୟରେ କେତେକ ସ୍ଥାନକୁ ଜିଲ୍ଲା / ଉପଖଣ୍ଡର ମାନ୍ୟତା ଘୋଷଣା ନେଇ ତଥା ନୂତନ ଏନ.ଏ.ସି ଗଠନକୁ ନେଇ ଦେଖାଦେଇଥିବା ଆନ୍ଦୋଳନ, ଓ ଅନ୍ୟାନ୍ୟ ଘଟଣା ଯାହାକି ବିଭିନ୍ନ ସମୟରେ ପ୍ରକାଶ୍ୟ ହୋଇଛି, ତାହା ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ସ୍ଥାନୀୟ ପ୍ରଶାସନ ଓ ପୁଲିସର ସମୟୋଚିତ ପଦକ୍ଷେପ ଫଳରେ ନିୟନ୍ତ୍ରଣ କରାଯାଇପାରିଛି ।

## ସନ୍ତ୍ରାସବାଦୀ କାର୍ଯ୍ୟକଳାପ:

୨୦୨୩ ବର୍ଷରେ ରାଜ୍ୟରେ କୌଣସି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଦେଖା ଯାଇନାହିଁ ଏବଂ ଆଗୁଆ ସୂଚନା ଦ୍ୱାରା ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଫଳପ୍ରଦଭାବେ ନିୟନ୍ତ୍ରଣ କରାଯାଇଅଛି । ଏହାଛଡା, ରାଜ୍ୟରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ସମସ୍ତ ଜିଲ୍ଲା ଏସ୍.ପି.ମାନଙ୍କୁ ସମୟ ସମୟରେ ବିଭିନ୍ନ ପରାମର୍ଶ ଓ ସତର୍କ ବାର୍ତ୍ତା ମାଧ୍ୟମରେ ଅବଗତ କରାଯାଇଅଛି ।

## ଓଡିଶାରେ ବାମପନ୍ଥୀ ଉଗ୍ରବାଦ:

୨୦୨୩ ବର୍ଷରେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପ ନିୟନ୍ତ୍ରଣାଧୀନ ରହିଥିଲା । ଉକ୍ତ ବର୍ଷ ସୁରକ୍ଷାବଳଙ୍କ କାର୍ଯ୍ୟାନୁଷ୍ଠାନରେ ୩ ଜଣ ସି.ପି.ଆଇ(ମାଓବାଦୀ) କ୍ୟାଡରଙ୍କ ମୃତ୍ୟୁ ଘଟିଥିବା ସ୍ଥଳେ ୧୩ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିଲା ଏବଂ ୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ଏତଦ୍‌ବ୍ୟତୀତ, ନକ୍ସଲ ଦମନ ଅଭିଯାନରେ ମୋଟ ୨୧ଟି ବନ୍ଧୁକ, ୨୫୨ଟି ଉନ୍ନତ ବିସ୍ଫୋରକ ଏବଂ ବହୁପରିମାଣର ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହିତ ଅନେକ ନକ୍ସଲ ଶିବିର/ ଗୋପନ ଆଶ୍ରୟସ୍ଥଳୀ/ ଗୋପନ ଆଡ୍ଡାକୁ ନଷ୍ଟ କରାଯାଇଥିଲା ।

ସୁରକ୍ଷାବଳଙ୍କର ନିରନ୍ତର ଅପରେସନ, ଏରିଆ ଡୋମିନେସନ ଏବଂ ବିକାଶମୂଳକ କାର୍ଯ୍ୟ ଯୋଗୁଁ,

ମାଲକାନାଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳକୁ, ଯାହାକି ଏକଦା ସି.ପି.ଆଇ. (ମାଓବାଦୀ) ର ଏକ ସୁଦୃଢ଼ ଗଡ ଥିଲା, ମାଓବାଦୀ କାର୍ଯ୍ୟକଳାପ ମୁକ୍ତ କରାଯାଇ ପାରିଥିଲା । ଏତଦ୍ ବ୍ୟତୀତ, "ଆତ୍ମସମର୍ପଣ ଏବଂ ପୁନର୍ବାସ ଯୋଜନା" ଏବଂ ଧାରଣା ପରିବର୍ତ୍ତନକାରୀ ପଦକ୍ଷେପ ଦ୍ୱାରା ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ପ୍ରାଥମିକତା ଦିଆଯାଇଥିଲା ।

## ୧.୨ ଅପରାଧ ଜନିତ ପରିସ୍ଥିତି

୨୦୨୩ ମସିହାରେ ରାଜ୍ୟରେ ରୁଜୁ ହୋଇଥିବା ମୋଟ ୧,୯୯,୯୫୪ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧୩୬୨ଟି ହତ୍ୟା, ୩୭୦ଟି ଡକାୟତି, ୨୯୬୧ ଟି ଲୁଣ୍ଠନ, ୬୦୭୧ ଟି ସିନ୍ଧି ଚୋରୀ, ୧୬୮୫୧ ଟି ଚୋରୀ , ୬୧୯୬ ଟି ପ୍ରତାରଣା, ୧୬୫୫ ଟି ଦଙ୍ଗା, ୨୮୨୬ ଟି ଦୁଷ୍କର୍ମ, ୧୧୯୯୨ ଟି ମୋଟରଯାନ ଦୁର୍ଘଟଣା, ୧୪୯୬୭୦ ଟି ବିବିଧ ମାମଲା ଅନ୍ତର୍ଭୁକ୍ତ ।

### ୨୦୨୩ ମସିହାରେ ରାଜ୍ୟ କ୍ରାଇମ୍ ବ୍ରାଞ୍ଚ ର ସଫଳତା;

### ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (CAW & CW):

ରାଜ୍ୟ ସରକାର ମହିଳା ଏବଂ ଶିଶୁଙ୍କ ଉପରେ ହେଉଥିବା ଅପରାଧକୁ ରୋକିବା ଏବଂ ଦୋଷୀ ମାନଙ୍କୁ ଦଣ୍ଡିତ କରିବା ନିମନ୍ତେ, ସି.ଆଇ.ଡି ସିବି ଅଧୀନରେ, ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା (CAW & CW)କାର୍ଯ୍ୟକାରୀ ହେଉଅଛି । ରେଡ୍ ଫ୍ଲାଗ୍ ମାମଲା ମାଧ୍ୟମରେ ସମ୍ବେଦନଶୀଳ ମହିଳା ବିରୋଧୀ ଅପରାଧ ଗୁଡିକୁ ସଠିକ ଭାବେ ସଫଳତାର ସହ ତଦାରଖ କରାଯାଇପାରୁଛି । ୨୦୨୩ ମସିହାରେ ସମୁଦାୟ ୧୩୧ ଗୋଟି ମାମଲାକୁ ରେଡ୍ ଫ୍ଲାଗ ଭାବରେ ପରିଗଣିତ କରାଯାଇଥିଲା । ତଦନ୍ତ ପରିସମାପ୍ତି ପରେ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରତ୍ୟେକ ମାମଲାରେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟରଙ୍କୁ ନିଯୁକ୍ତି ଦିଆଯାଉଛି । ଉପରୋକ୍ତ ମାମଲା ଗୁଡିକରେ ଦୋଷୀ ସାବ୍ୟସ୍ତ ହାର ୩୯.୮୪% ଅଟେ ।

### ଇଣ୍ଟିଗ୍ରେଟେଡ୍ ଆଣ୍ଟି-ହ୍ୟୁମାନ୍ ଟ୍ରାଫିକିଙ୍ଗ ୟୁନିଟ୍ (IAHTU) :

ରାଜ୍ୟରେ ମହିଳା ଏବଂ ଶିଶୁମାନଙ୍କ ନିରାପତ୍ତା ନିମନ୍ତେ ୩୬ଗୋଟି ପୋଲିସ୍ ଜିଲ୍ଲା ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଭୁବନେଶ୍ୱରକୁ ମିଶାଇ ସମୁଦାୟ ୩୭ଗୋଟି ଇଣ୍ଟିଗ୍ରେଟେଡ୍ ଆଣ୍ଟି-ହ୍ୟୁମାନ୍ ଟ୍ରାଫିକିଙ୍ଗ ୟୁନିଟ୍ (IAHTU) ଗଠନ କରାଯାଇଅଛି । ଏହି ସଂସ୍ଥା ଗୁଡକରେ ବିଭିନ୍ନ ପଦ ପଦବୀର ଅଫିସର ମାନଙ୍କୁ ନିୟୋଜିତ କରାଯାଇଛି ।

### କ୍ରାଇମ୍‌ବ୍ରାଞ୍ଚ ଥାନା (CID CB PS):

୨୦୨୩ ମସିହାରେ କ୍ରାଇମ୍ ବ୍ରାଞ୍ଚ ଥାନା (CID CB PS), କଟକରେ ୧୮ଟି ମାମଲା (୦୧ ଅପମୃତ୍ୟୁ

ମାମଲା ଅନ୍ତର୍ଭୁକ୍ତ ଥାଇ) ପଞ୍ଜିକୃତ ହୋଇଥିଲା । ଏହି ସମସ୍ତ ମାମଲାରେ ୫୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ବର୍ତ୍ତମାନ ତଦନ୍ତ ଚାଲୁରହିଛି ।

## ସାଇବର ଥାନା:

୨୦୨୩ ମସିହାରେ ଅପରାଧ ତଦନ୍ତ ବିଭାଗ, ସାଇବର କ୍ରାଇମ୍ ପୋଲିସ ଷ୍ଟେସନରେ ୩୬ଟି ସାଇବର କ୍ରାଇମ୍ ମାମଲା ପଞ୍ଜିକୃତ ହୋଇଛି ଯେଉଁଥିରେ ୧୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସମୁଦାୟ ୨,୩୨,୨୯,୮୧୪/- ଟଙ୍କା ଉଦ୍ଧାର ହୋଇଛି ।

## ଅର୍ଥନୈତିକ ଅପରାଧ ଶାଖା:

୨୦୨୩ ମସିହାରେ ଅର୍ଥନୈତିକ ଅପରାଧ ଶାଖା, ଭୁବନେଶ୍ୱରରେ ସର୍ବମୋଟ ୨୮ ଗୋଟି ମାମଲା ରୁଜୁ କରାଯାଇ, ୬୧ ଜଣ ଅପରାଧୀଙ୍କୁ ଗିରଫ କରାଯାଇଅଛି । ଏହାଛଡା, ବିଭିନ୍ନ ୦କ ସଂସ୍ଥା ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଅଛି ।

## ସ୍ପେଶାଲ ଟାସ୍କ ଫୋର୍ସ :

୨୦୨୩ ମସିହାରେ ସ୍ପେଶାଲ ଟାସ୍କ ଫୋର୍ସ ଦ୍ୱାରା ୪୧ଟି ମାମଲା ପଞ୍ଜୀକୃତ କରାଯାଇ ୭୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଅଛି ।

## ମାଦକ ଦ୍ରବ୍ୟ ନିୟନ୍ତ୍ରଣ ରେ ସଫଳତା :

୨୦୨୩ ମସିହାରେ ରାଜ୍ୟରେ ୧୮୧୧ କ୍ୱିଣ୍ଟାଲ୍, ୬୮ କି.ଗ୍ରା., ୧୦୧ ଗ୍ରାମ ୬୫୫ ମିଲିଗ୍ରାମ୍ ଗଞ୍ଜେଇ, ୦୩ କି.ଗ୍ରା ୮୧୦ ଗ୍ରାମ ଗଞ୍ଜେଇ ପାଉଡର୍, ୬୦ ପ୍ୟାକେଟ୍ ଗଞ୍ଜେଇ ସିଗାରେଟ୍ ଏବଂ ୧୭ କି.ଗ୍ରା. ୧୦୫ ଗ୍ରାମ୍ ୭୫୨ ମି.ଲି. ଗ୍ରାମ୍‌ର ବ୍ରାଉନସୁଗାର୍ ରାଜ୍ୟ ପୋଲିସ୍ ଦ୍ୱାରା ଜବତ୍ କରାଯାଇଅଛି ।

ଉପରୋକ୍ତ ସମୟସୀମା ମଧ୍ୟରେ ୧୮୬୮ ଗୋଟି ମାମଲା ପଞ୍ଜିକୃତ ହୋଇ ଥିଲା ଏବଂ ୨୪୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

## ଶିଶୁ ଏବଂ ମହିଳା ଅନଲାଇନ୍ ଅପବ୍ୟବହାର ମନିଟରିଂ ୟୁନିଟ୍ (CWOAMU):

ଶିଶୁ ଏବଂ ମହିଳାଙ୍କ ପ୍ରତି ହେଉଥିବା ଅପରାଧ ସର୍ବଦା ସରକାରଙ୍କ ପାଇଁ ପ୍ରାଥମିକତା ରହିଆସିଛି । ମହିଳା ତଥା ଶିଶୁଙ୍କ ଉପରେ ହେଉଥିବା ଅତ୍ୟାଚାରର ମୁକାବିଲା ପାଇଁ ବିଶେଷ ଭାବରେ ଅଶ୍ଳୀଳତା ସମ୍ବନ୍ଧୀୟ ମାମଲାର ନିରାକରଣ ପାଇଁ ସାଇବର କମପ୍ଲେକ୍ସ ଠାରେ ଏକ ଉତ୍ସର୍ଗୀକୃତ ଶିଶୁ ଏବଂ ମହିଳା ଅନଲାଇନ୍ ଅପବ୍ୟବହାର ମନିଟରିଂ ୟୁନିଟ୍ (CWOAMU) ପ୍ରତିଷ୍ଠା କରାଯାଇଛି, ଯାହା ଶିଶୁ ଅଶ୍ଳୀଳତା (ସିପି) ବଳାତ୍କାର/

ଗ୍ୟାଙ୍ଗରେପ୍ ଅଭିଯୋଗର ମୁକାବିଲା କରନ୍ତି । ୨୦୨୩ ମସିହାରେ ୫୭୩ଟି ଅଭିଯୋଗ ମଧ୍ୟରୁ ୭୭ଟି ସମାଧାନ ହୋଇଅଛି ।

## ସାଇବର ନିରାପତ୍ତା କ୍ୟାମ୍ପେନ୍:

ଦେଶରେ ସବୁ ସ୍ଥାନରେ ସାଇବର୍ ଅପରାଧ ମାମଲା ବୃଦ୍ଧି ପାଉଛି । ଓଡିଶା ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ସାଇବର୍ ଠକମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସତ୍ତ୍ୱେ ଅପରାଧର ମାତ୍ରା ବୃଦ୍ଧି ପାଉଛି । ଏହାର ମୁଖ୍ୟ କାରଣ ହେଉଛି ବିଭିନ୍ନ ପ୍ରକାର ସାଇବର୍ ଅପରାଧ ସମ୍ପର୍କରେ ଅଜ୍ଞାନତା ଓ ବର୍ତ୍ତମାନର ଏହି ଡିଜିଟାଲ୍ ଦୁନିଆଁରେ ସୁରକ୍ଷିତ ରହିବା ସମ୍ପର୍କରେ ସଚେତନତାର ଅଭାବ ।

ଓଡିଶା ପୋଲିସ, ଓଡିଶା ସରକାରଙ୍କ ଅନ୍ୟ ବିଭାଗ ଏବଂ ୧୫ଗୋଟି ବ୍ୟାଙ୍କ ସହ ମିଳିତ ଭାବେ ୩୦ ସେପ୍ଟେମ୍ବର ଠାରୁ ୧୫ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ଏକ ରାଜ୍ୟସ୍ତରୀୟ ସାଇବର୍ ସୁରକ୍ଷା ଅଭିଯାନର ଆୟୋଜନ କରିଥିଲେ । ଏହାର ଉଦ୍‌ଘାଟନ ମାନ୍ୟବର ମୁଖ୍ୟମନ୍ତ୍ରୀ କରିଥିଲେ । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ସାଇବର ଅପରାଧ ବିଷୟରେ ସମାଜରେ ସମସ୍ତ ଶ୍ରେଣୀ, ବୟସ ବର୍ଗ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କୁ ସାଇବର୍ ସୁରକ୍ଷା ବିଷୟରେ ଶିକ୍ଷା ପ୍ରଦାନ କରିବା । ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରି , ଆଇଟି ଇଣ୍ଡଷ୍ଟ୍ରି ସମେତ ଅନେକ ଏକାଡେମିକ୍ ଅନୁଷ୍ଠାନ ଏହି ଅଭିଯାନରେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ ।

ଏହି ଅଭିଯାନ ଉଭୟ ଅଫଲାଇନ୍ ଏବଂ ଅନଲାଇନ୍ ମୋଡରେ ଅନୁଷ୍ଠିତ ହେବା ଫଳରେ ବହୁ ଲୋକଙ୍କ ପାଖରେ ପହଞ୍ଚିଥିଲା । ଅଫଲାଇନ୍ ମୋଡ୍ ରେ ୩୪ଗୋଟି ସାଇବର୍ ସୁରକ୍ଷା ରଥ ଇନବିଲ୍ଟ ହାଇଡ୍ରୋଲିକ୍ ଏଲଇଡି ସ୍କ୍ରିନ୍ ସହିତ ୩୦ ସେପ୍ଟେମ୍ବର ଭୁବନେଶ୍ୱରରୁ ସମସ୍ତ ପୋଲିସ୍ ଜିଲ୍ଲା ଅଭିମୁଖେ ଯାତ୍ରା କରିଥିଲା। ୩୦ ସେପେମ୍ବରରୁ ୧୫ ଅକ୍ଟୋବର ପର୍ଯ୍ୟନ୍ତ, ଯାତ୍ରା ସମୟରେ ଏହା ସମସ୍ତ ବ୍ଲକ୍ ମୁଖ୍ୟାଳୟ ଏବଂ ପୋଲିସ୍ ଷ୍ଟେସନ୍‌କୁ ସ୍ପର୍ଶ କରିଥିଲା । ଏହା ସ୍ଥାନୀୟ ଭାଷା/ ଉପଭାଷାରେ, ଅଡିଓ ଭିଜୁଆଲ୍ ଏବଂ ପ୍ରିଣ୍ଟ ମୋଡ୍ ମାଧ୍ୟମରେ ସାଇବର୍ ସୁରକ୍ଷା ଓ ସଚେତନତାର ବାର୍ତ୍ତା ବିତରଣ କରିଥିଲା । ଛାତ୍ରଛାତ୍ରୀ ଏବଂ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ସାଇବର୍ ସୁରକ୍ଷା ପ୍ରଚାରପତ୍ର ସବୁ ବ୍ୟାପକ ଭାବରେ ବିତରଣ କରାଯାଇଥିଲା ।

ଏହି ଅଭିନବ ଅଭିଯାନ ସମୟରେ ସାଇବର୍ ସୁରକ୍ଷା ସଚେତନତା ପାଇଁ ୦୮ ଅକ୍ଟୋବର ସକାଳେ ଏକ ରୋଡ୍ ରନ୍ ଏବଂ ସାଇକ୍ଲୋଥନର ଆୟୋଜନ କରାଯାଇଥିଲା । ୦୯ ଅକ୍ଟୋବର ଠାରୁ ସାଇବର୍ ସୁରକ୍ଷା ସଚେତନତା ବାର୍ତ୍ତା ସହିତ ମିଶନ୍ ଶକ୍ତି ଅଙ୍ଗନୱାଡିକର୍ମୀ, ଆଶା କର୍ମୀ, ରେଡ୍ କ୍ରସ୍, ଏନଜିଓ ଇତ୍ୟାଦି ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ସାଇବର୍ ସୁରକ୍ଷା ପାମ୍ପଲେଟ୍ ବଣ୍ଟନ ସହିତ ଏହି ଅଭିଯାନର ଉଦ୍ଦେଶ୍ୟ ତୃଣମୂଳ ସ୍ତରରେ ପହଁଞ୍ଚାଇବା ନିମନ୍ତେ ଆୟୋଜିତ ହୋଇଥିଲା । ଅକ୍ଟୋବର ୧୪ ତାରିଖରେ ସାଇବର୍ ସୁରକ୍ଷା ବାର୍ତ୍ତା ପ୍ରଚାର ନିମନ୍ତେ ବରିଷ୍ଠ ନାଗରିକ, ମହିଳା ଏବଂ ଶିଶୁମାନେ ମଧ୍ୟ ଏକ ସନ୍ଧ୍ୟା ପଦଯାତ୍ରା କରିଥିଲେ ।

ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ, ରେଡିଓ, ଭିଜୁଆଲ୍ ଏବଂ ପ୍ରିଣ୍ଟ ମିଡିଆ ମାଧ୍ୟମରେ ସାଇବର୍ ସୁରକ୍ଷା ବାର୍ତ୍ତା କ୍ରମାଗତ ଭାବରେ ପ୍ରଚାର କରାଯାଇଥିଲା । ଏଥିସହ ସାଇବର୍ ନିରାପତ୍ତା ଉପରେ ଅନେକ ଅନଲାଇନ୍ ପ୍ରତିଯୋଗିତା ଉଭୟ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଆୟୋଜିତ ହୋଇଥିଲା ଯେଉଁଥିରେ ସମାଜର ସମସ୍ତ ଶ୍ରେଣୀ ଏବଂ ବୟସ ବର୍ଗ ଜଡିତ ହୋଇଥିଲେ ।

ସାଇବର୍ କପ୍ ଓଡିଶା (Cyber Cop Odisha) ନାମକ ଏକ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ, ଟ୍ୱିଟର୍, ଫେସବୁକ୍, ଇନ୍ଷ୍ଟାଗ୍ରାମ ଏବଂ ୟୁଟ୍ୟୁବ୍ ମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର କରିଥିଲା ।

ଆମ ସମାଜରେ ସାଇବର୍ ନିରାପତ୍ତାର ବାର୍ତ୍ତା ବିସ୍ତାର କରିବା ପାଇଁ "ସଚେତନ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ" "ସାଇବର୍ ନିରାପଦ ଓଡିଶା" ପରି ଏକ ଟ୍ୟାଗ୍‌ଲାଇନ୍ କରାଯାଇଥିଲା । ମାସ୍କଟ୍ "CYRA" ଏହି ଅଭିଯାନ ସମୟରେ ସାଇବର ନିରାପତ୍ତାର ଦୂତ ଥିଲା ।

ପ୍ରଥମଥର ପାଇଁ ସାଇବର୍ ସୁରକ୍ଷା ଉପରେ ଏପରି ଏକ ସାମାଜିକ ଅଭିଯାନ ଅଭୂତପୂର୍ବ ସଫଳତା ହାସଲ କରିବା ସହ ଏହା ଉପରେ ବ୍ୟାପକ ସନ୍ତୋଷଜନକ ମତାମତ ମିଳିପାରିଛି । ଏହା ସମାଜର ସମସ୍ତ ଶ୍ରେଣୀ ମଧ୍ୟରେ ଆଗ୍ରହ ସୃଷ୍ଟି କରିଥିଲା । ବୟସ ବର୍ଗ ନିର୍ବିଶେଷରେ ବହୁ ସଂଖ୍ୟାରେ ଲୋକମାନ ଅଂଶଗ୍ରହଣ କରିଥିଲେ । ତୃଣମୂଳ ସ୍ତରରେ ସାଇବର୍ ସୁରକ୍ଷାର ବାର୍ତ୍ତା ଏବଂ ଉଦ୍ଦେଶ୍ୟ ପ୍ରଚାର ପ୍ରସାର କରିବାରେ ଏହି ଅଭିଯାନ ସଫଳ ହୋଇଛି । ସାଇବର୍ ଅପରାଧ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଏହା ଏକ ମହତ୍ତ୍ୱ ପୂର୍ଣ୍ଣ ପ୍ରଭାବ ପକାଇବାରେ ସକ୍ଷମ ହୋଇଛି ।

## ୧.୩ ପୋଲିସ ବାହିନୀର ଆଧୁନିକୀକରଣ:

ପୋଲିସ ବିଭାଗର ବିଭିନ୍ନ ସଂସ୍ଥା ନିମନ୍ତେ ଆଧୁନିକୀକରଣ ଯୋଜନାରେ ୨୦୦୦-୦୧ ରୁ ୨୦୨୨-୨୩ ମସିହା ମଧ୍ୟରେ ୧୦୨୭.୬୦୯୩ କୋଟି ଟଙ୍କା ଅନୁଦାନ ମିଳିଅଛି । ତନ୍ମଧ୍ୟରୁ ୧୦୨୬.୨୦୫୮ କୋଟି ଟଙ୍କା (ପ୍ରାୟ ୯୯.୮୬% ଭାଗ) ବ୍ୟୟ କରାଯାଇଛି ।

ପୋଲିସ ଆଧୁନିକୀକରଣ ଯୋଜନାରେ ମିଳିଥିବା ଅନୁଦାନକୁ ରାଜ୍ୟ ଆରକ୍ଷୀ ବାହିନୀର ଯାନବାହାନ କ୍ରୟ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର , ଅତ୍ୟାଧୁନିକ ଯୋଗାଯୋଗ ସାମଗ୍ରୀ, ଅତ୍ୟାଧୁନିକ ତାଲିମ୍ ସାମଗ୍ରୀ, ସାଇବର କ୍ରାଇମ୍ ଅପରାଧ ତଦନ୍ତ ବିଭାଗର ମାନବୃଦ୍ଧି ନିମନ୍ତେ ଅତ୍ୟାଧୁନିକ ତାଲିମ ସାମଗ୍ରୀ, ମୋବାଇଲ୍ ଫୋରେନ୍‌ସିକ ୟୁନିଟ୍, ବିସ୍ଫୋରକ-ତଥା-ନିଦ୍ରାକାରକ ସୂଚକ, ଅତ୍ୟାଧୁନିକ ବମ୍ ଡିସପୋଜାଲ ୟୁନିଟ, ଟ୍ରାଫିକ ପୋଲିସ୍ ପାଇଁ ନାଇଟ ଭିଜନ ଉପକରଣ, ସି.ସି.ଟି.ଭି. ବେସଡ୍ ସିଟି ସର୍ଭିଲାନସ୍ ସିଷ୍ଟମ ଆଦିର କ୍ରୟ ସମେତ ଆରକ୍ଷୀ ବାସଗୃହ ଏବଂ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଉପଯୋଗ କରାଯାଇଅଛି ।

୨୦୨୩-୨୪ ମସିହା ପାଇଁ କେନ୍ଦ୍ର ସରକାର ଆଧୁନିକୀକରଣ ଯୋଜନାରେ ୨୩.୧୮୦୨ କୋଟି ଟଙ୍କା ବିନିମୟରେ ନିମ୍ନଲିଖିତ ସାମଗ୍ରୀ କ୍ରୟ ନିମନ୍ତେ ରାଜ୍ୟ ପୋଲିସ୍‌କୁ ଅନୁଦାନ ଯୋଗାଇ ଦେବାପାଇଁ ସାମୟିକ ଆବଣ୍ଟନ ବ୍ୟବସ୍ଥା କରିଥିଲେ । ଏହାର ବିଶଦ ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| କ୍ର.ନଂ | ଉପାଦାନ | ଅନୁଦାନ (ଲକ୍ଷରେ) | | |
|---|---|---|---|---|
| | | କେନ୍ଦ୍ରୀୟ ଅନୁଦାନ | ରାଜ୍ୟ ଅନୁଦାନ | ସମୁଦାୟ |
| ୧ | ଯୋଗାଯୋଗ ସାମଗ୍ରୀ | ୧୨୬.୨୦ | ୬୪.୧୦ | ୧୯୦.୩୦ |
| ୨ | ଫରେନ୍‌ସିକ୍ ସାମଗ୍ରୀ | ୨୫୬.୦୦ | ୧୨୩.୦୦ | ୩୭୯.୦୦ |
| ୩ | ଗୁଇନ୍ଦା ବିଭାଗ ସାମଗ୍ରୀ | ୯୪.୦୫ | ୮୩.୨୫ | ୧୭୭.୩୦ |
| ୪ | ପ୍ରଶିକ୍ଷଣ ସାମଗ୍ରୀ | ୨୧୬.୦୪ | ୧୩୨.୮୭ | ୩୪୮.୯୧ |
| ୫ | ସ୍ମାର୍ଟ ପୋଲିସିଂ ଉପକରଣ | ୧୬୩.୫୧ | ୧୦୯.୯୦ | ୨୭୩.୪୧ |
| ୬ | ଟ୍ରାଫିକ୍ ଉପକରଣ | ୪୮.୦୦ | ୬୯.୫୦ | ୧୧୭.୫୦ |
| ୭ | ସୁରକ୍ଷା ଏବଂ ଅନ୍ୟାନ୍ୟ ସାମଗ୍ରୀ | ୧୬୮.୭୦ | ୧୨୯.୯୦ | ୨୯୮.୬୦ |
| ୮ | ଯାନ ବାହନ | ୨୯୦.୦୦ | ୧୭୩.୦୦ | ୪୬୩.୦୦ |
| ୯ | ସାଇବର ପୋଲିସିଂ ସାମଗ୍ରୀ | ୨୮.୫୦ | ୪୧.୫୦ | ୭୦.୦୦ |
| ୧୦ | ମୋଟ | ୧୩୯୧.୦୦ | ୯୨୭.୦୨ | ୨୩୧୮.୦୨ |

ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ରାଜ୍ୟ କାର୍ଯ୍ୟ ଯୋଜନା ୨୦୨୩-୨୪କୁ ସଂଶୋଧିତ ଆବଣ୍ଟନ ଅନୁଯାୟୀ ୧୨.୭୮ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ସେଥି ମଧ୍ୟରୁ ଚଳିତ ଆର୍ଥିକ ବର୍ଷର ବ୍ୟୟ ନିମନ୍ତେ ୬.୩୯ କୋଟି ଟଙ୍କା(୩୧.୧୨.୨୦୨୩ ପର୍ଯ୍ୟନ୍ତ) ପ୍ରଦାନ କରାଯାଇଛି ।

## ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥା (ERSS):

ଅପରାଧ ଓ ଜରୁରୀ ସମୟରେ ତୁରନ୍ତ ସେବା ଯୋଗାଇ ଦେବା ପାଇଁ ସରକାର Emergeny Response Support System (ERSS) କୁ ତା ୧୯.୦୩.୨୦୨୧ ରିଖ ଠାରୁ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ଗୋଟିଏ ଏକକ ଟୋଲଫ୍ରୀ ନମ୍ବର "୧୧୨" ଦ୍ୱାରା ପୋଲିସ ସେବା, ଅଗ୍ନିଶମ ସେବା, ଆମ୍ବୁଲାନସ ସେବା, ମହିଳା ଓ ଶିଶୁ ସହାୟତା ଇତ୍ୟାଦି ଜରୁରୀ କାଳୀନ ସେବାକୁ ଉପଲବ୍ଧ କରାଯାଉଅଛି ।

ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୯୮ ଟି ବିଭିନ୍ନ ପଦବୀ ଯଥା: ୪ଟି ଡି.ଏସ.ପି., ୧୫୧ ଟି ସବ୍-ଇନ୍ସପେକ୍ଟର, ୨୦୩ ଟି ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର ଏବଂ ୭୪୦ ଟି କନେଷ୍ଟବଳ ପଦବୀ ରାଜ୍ୟ ସରକାରଙ୍କ ଦ୍ୱାରା

ସୃଷ୍ଟି କରାଯାଇଛି । ଏତଦ୍‌ବ୍ୟତୀତ ଉକ୍ତ ସେବାଗୁଡିକର ସଠିକ କାର୍ଯ୍ୟକାରିତା ପାଇଁ ୧୯୮ ଟି କଲ୍‌ଟେକର୍ସ ପଦବୀ ସୃଷ୍ଟି କରାଯାଇଛି ।

ଏତଦ୍‌ବ୍ୟତୀତ, ରାଜ୍ୟର ସମସ୍ତ ସହରାଞ୍ଚଳ ପୋଲିସ କେନ୍ଦ୍ର ପାଇଁ ୧୨୪୩ ଟି ବିଭିନ୍ନ ପଦବୀ ଯଥା:୧୮୧ ଟି ସବ୍- ଇନ୍ସପେକ୍ଟର, ୨୪୪ ଟି ଆସିଷ୍ଟାଣ୍ଟ ସବ-ଇନ୍ସପେକ୍ଟର ଏବଂ ୮୧୮ ଟି କନେଷ୍ଟବଳ ପଦବୀ ସୃଷ୍ଟି କରିବାକୁ ରାଜ୍ୟସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି ।

ପ୍ରଥମ ପର୍ଯ୍ୟାୟରେ ୧୦୬ଟି ଗାଡିକୁ ଡ୍ରାଇଭର ସହିତ ଭଡାରେ ନିୟୋଜିତ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ୧୩୦ ଟି ଗାଡିକୁ ଡ୍ରାଇଭର ସହିତ ଭଡାରେ ନିୟୋଜିତ ପାଇଁ ସରକାର ଅନୁମତି ଦେଇଛନ୍ତି । ଏତଦ୍‌ବ୍ୟତୀତ ୧୫୮ଟି PCR ଗାଡି ମଧ୍ୟରୁ ୧୦୧ ଟି ଗାଡିକୁ ERSS କାର୍ଯ୍ୟରେ ବ୍ୟବହାର କରାଯାଉଅଛି ।

ପୁନଶ୍ଚ, ଏହି ପ୍ରକଳ୍ପକୁ ଅଧିକ ୦୪ ବର୍ଷ ଯଥା: ୨୦୨୧-୨୨ ରୁ ୨୦୨୪-୨୫ ମସିହା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ନିମନ୍ତେ ସରକାର ପୋଲିସ ବିଭାଗ ପାଇଁ ୨୪୬.୬୯ କୋଟି ଟଙ୍କା ଅନୁମୋଦନ ପ୍ରଦାନ କରିଛନ୍ତି ।

ଡାଏଲ୍ ୧୧୨ ହେଲ୍‌ପଲାଇନ ଓଡିଶାର ସମସ୍ତ ଜିଲ୍ଲାରେ କାର୍ଯ୍ୟ କରିବା ସହିତ ଅନ୍ୟାନ୍ୟ ଜରୁରୀକାଳୀନ ସେବା ଯେପରିକି ପୋଲିସ(୧୦୦), ଅଗ୍ନିଶମ(୧୦୧), ରେଳ ସମ୍ବନ୍ଧୀୟ ସହାୟତା(୧୩୯), ବିପର୍ଯ୍ୟୟ ପରିଚାଳନା(୧୦୭୦) ସହିତ ଡାଏଲ ୧୧୨ ଏକୀକୃତ ହୋଇଛି । ଏତଦ୍ ବ୍ୟତୀତ ଆମ୍ବୁଲାନ୍‌ସ ସେବା(୧୦୮)ଏବଂ ଶିଶୁ ହେଲ୍‌ପଲାଇନ ସେବା(୧୦୯୮)ଡାଏଲ୍ ୧୧୨ ସହିତ ଆଂଶିକ ଏକୀକୃତ ହୋଇଛି ।

## ନୂତନ ପ୍ରତିଷ୍ଠିତ ପୋଲିସ ଥାନା:

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୂଚାରୁ ରୂପେ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ୦୫ ଗୋଟି ନୂତନ ଥାନା ପ୍ରତିଷ୍ଠା ପାଇଁ ୨୦୨୩ ମସିହାରେ ମଞ୍ଜୁର କରିଛନ୍ତି ।

(୧) ୦୨ଟି ଟ୍ରାଫିକ୍ ପୋଲିସ ଥାନା ଯଥା ବଡବିଲ ଏବଂ କେନ୍ଦୁଝର, କେନ୍ଦୁଝର ଜିଲ୍ଲା ,

(୨) ୦୧ଟି ଶିଳ୍ପାଞ୍ଚଳ ପୋଲିସ ଥାନା, ଖୋର୍ଦ୍ଧା ଜିଲ୍ଲା ,

(୩) ୦୧ଟି ପୋଲିସ ଥାନା ଯଥା ବେଲଗାଁ, ଗଞ୍ଜାମ ଜିଲ୍ଲା ,

(୪) ୦୧ଟି ସ୍ୱତନ୍ତ୍ର ଅପରାଧ ବିଭାଗ ପୋଲିସ ଥାନା , କମିଶନରେଟ ପୋଲିସ, ଭୁବନେଶ୍ୱର-କଟକ ।

## ୧.୪ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର:

ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର, ଓଡିଶା, ସମଗ୍ର ଭାରତବର୍ଷର ପୁରାତନ ବିଜ୍ଞାନାଗାରମାନଙ୍କ ମଧ୍ୟରେ ଅନ୍ୟତମ । ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟାରେ ବୈଜ୍ଞାନିକ ପଦ୍ଧତିର ପର୍ଯ୍ୟାପ୍ତ ଉପଯୋଗ ଉଦ୍ଦେଶ୍ୟରେ ସମୟକ୍ରମେ ଭୁବନେଶ୍ୱରରେ ରାଜ୍ୟ ବିଧି ବିଜ୍ଞାନଗାର ବ୍ୟତୀତ ଏହାର ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱରରେ ୦୩ (ତିନି) ଗୋଟି ଆଞ୍ଚଳିକ ବିଧି ବିଜ୍ଞାନଗାର ଓ ୩୬ ଟି ଜିଲ୍ଲା ବିଧି ବିଜ୍ଞାନାଗାର ଏହା ସହିତ ସଂଯୋଗ କରାଯାଇଛି । ୩୬ ଜିଲ୍ଲା ବିଧି ବିଜ୍ଞାନାଗାର ମଧ୍ୟରୁ ୨୫ଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଅଛି । ଏତଦ୍‌ବ୍ୟତୀତ, ଏହି ବିଜ୍ଞାନାଗାରରେ ୦୯ ଟି ବିଭାଗ ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଲସୀ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ, ବିଷ ବିଜ୍ଞାନ, DNA ବିଜ୍ଞାନ, ମିଥ୍ୟା ଅନୁସନ୍ଧାନ ଓ ସାଇବର ବିଧି ବିଜ୍ଞାନ ବିଭାଗମାନ କାର୍ଯ୍ୟ କରୁଅଛି ଏବଂ ଆଞ୍ଚଳିକ ବିଧି ବିଜ୍ଞାନାଗାରରେ ୦୬ ଟି ବିଭାଗ ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଲସୀ ବିଜ୍ଞାନ, ପ୍ରକ୍ଷେପ ବିଜ୍ଞାନ ଓ ବିଷ ବିଜ୍ଞାନ ବିଭାଗମାନ କାର୍ଯ୍ୟ କରୁଅଛି ।

ଅପରାଧ ସ୍ଥଳ ପରିଦର୍ଶନ ସହ ନ୍ୟାୟାଳୟ ମାନଙ୍କୁ ରାସାୟନିକ ପରୀକ୍ଷା ରିପୋର୍ଟ ପ୍ରଦାନ କରି ଏହି ବିଜ୍ଞାନାଗାର ବର୍ଷ ବର୍ଷ ଧରି ଏହାର ଦାୟିତ୍ୱ କୃତିତ୍ୱର ସହ ନିର୍ବାହ କରି ଆସୁଛି ।

୨୦୨୩ ମସିହା (୩୧.୧୨.୨୦୨୩ ପର୍ଯ୍ୟନ୍ତ) ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରରେ ୧୩୭୦୭ ଅପରାଧିକ (୧୬୧୯୯୬ଟି ପରୀକ୍ଷଣ ବସ୍ତୁ) ପରୀକ୍ଷା କରାଯାଇ ରିପୋର୍ଟ ପ୍ରଦାନ କରାଯାଇଅଛି । ଏହି ବର୍ଷ ୫୨ ଜଣ ବିଜ୍ଞାନାଗାର ସହାୟକ (ଚୁକ୍ତିଭିତ୍ତିକ), ଜଣେ ଭିସେରା କଟର (ଚୁକ୍ତିଭିତ୍ତିକ)ଙ୍କ ସହିତ ୨୯ ଜଣ ଆସିଷ୍ଟାଣ୍ଟ ସାଇଣ୍ଟିଫିକ୍ ଅଫିସର ଆଉଟସୋର୍ସିଙ୍ଗ ସଂସ୍ଥା ଦ୍ୱାରା ନିୟୋଜିତ କରାଯାଇଥିଲା ।

ପୁଲିସ ଅଧିକାରୀ, ନ୍ୟାୟାଧୀଶ ଓ ସରକାରୀ ଓକିଲମାନଙ୍କ ପାଇଁ ଏହି ବିଜ୍ଞାନାଗାର ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛି । ଏଠାରେ କାର୍ଯ୍ୟରତ ବୈଜ୍ଞାନିକମାନେ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଓ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଅନୁଷ୍ଠାନ, ଭୁବନେଶ୍ୱରରେ ଅପରାଧ ତଦନ୍ତ ଓ ନ୍ୟାୟିକ ପ୍ରକିୟାରେ ଅପରାଧ ବିଧି ବିଜ୍ଞାନାଗାରର ଗୁରୁତ୍ୱ ସମ୍ବନ୍ଧରେ ତାଲିମ ପ୍ରଦାନ କରୁଛନ୍ତି । ୨୦୨୩ ମସିହାରେ ୧୪ ଜଣ ଅଧିକାରୀ ନୂଆଦିଲ୍ଲୀ ଏବଂ ଚଣ୍ଡୀଗଡର "NICFS" ରେ ଅନଲାଇନ ତାଲିମ ନେଇଛନ୍ତି ।

## ୧.୫ ରାଜ୍ୟ ଅପରାଧ ନଥି ସଂସ୍ଥା:

ରାଜ୍ୟ ଅପରାଧ ନଥି ସଂସ୍ଥା ୧୯୮୮ ମସିହା ଜୁଲାଇ ମାସ ୨୩ ତାରିଖରେ ରାଜ୍ୟ ଗୃହ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା-୪୦୪୬୪ ଅନୁଯାୟୀ ତତ୍କାଳୀନ "ଓଡିଶା ପୁଲିସ୍ କମ୍ପ୍ୟୁଟର ସଂସ୍ଥା" ଏବଂ "ରାଜ୍ୟ ଅଙ୍ଗୁଳିଛାପ ସଂସ୍ଥା" କୁ ନେଇ ଗଠିତ ହୋଇଥିଲା ।

ବର୍ତ୍ତମାନ କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ (ସି.ସି.ଟି.ଏନ୍.ଏସ୍) କୁ ଓଡିଶା ରାଜ୍ୟ ସହିତ

ସାରାଦେଶରେ କାର୍ଯ୍ୟକ୍ଷମ କରିବା ପାଇଁ ଉଦ୍ୟମ ଜାରି ରହିଛି । କ୍ରାଇମ ଓ କ୍ରିମିନାଲ ଟ୍ରାକିଙ୍ଗ୍ ନେଟୱାର୍କ ସିଷ୍ଟମ କେନ୍ଦ୍ର ସରକାରଙ୍କ ଇ-ଗଭର୍ଣ୍ଣାନ୍ସ ଯୋଜନା ଅନ୍ତର୍ଗତ ଏକ ମିଶନମୋଡ୍ ପ୍ରକଳ୍ପ, ଯାହାକି, ସମଗ୍ର ଦେଶରେ ପୁଲିସ୍ ସଂସ୍ଥାକୁ ଆଧୁନିକୀକରଣ କରିବା ପାଇଁ ଉଦ୍ଦିଷ୍ଟ । ସି.ସି.ଟି.ଏନ୍.ଏସ୍. ମାଧ୍ୟମରେ ପୁଲିସ ସଂସ୍ଥା ଗୁଡିକ ଅପରାଧ ଏବଂ ଅପରାଧିକ ତଥ୍ୟ ଗୁଡିକୁ ଅନ୍‌ଲାଇନ ମାଧ୍ୟମରେ ସଂରକ୍ଷଣ କରି ରଖିପାରିବା ସଙ୍ଗେ ସଙ୍ଗେ ଦେଶର ସାଧାରଣ ନାଗରିକ ମଧ୍ୟ ନିର୍ବିଘ୍ନରେ ଅନ୍ ଲାଇନ ପୋଲିସ ସେବା ପାଇପାରିବେ ।

ରାଜ୍ୟ ଅପରାଧ ନଥି ସଂସ୍ଥାରେ ଥିବା ପରିସଂଖ୍ୟାନ ବିଭାଗର ଏକ ବିଶେଷ ଭୂମିକା ରହିଛି । ସମସ୍ତ ପ୍ରକାରର ଅପରାଧିକ ତଥ୍ୟର ପରିସଂଖ୍ୟାନ ବିବରଣୀ ଏହି ବିଭାଗରେ ସଠିକ ଭାବରେ ପ୍ରସ୍ତୁତ କରାଯାଇଥାଏ ।

ଏହା ବ୍ୟତୀତ, ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗ ବିଭିନ୍ନ ପ୍ରକାରର ଅପରାଧିକ ତଥ୍ୟ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରୀୟ ସଂସ୍ଥା ଯଥା ଏନ୍.ସି.ଆର.ବି., ନୂଆଦିଲ୍ଲୀ, ବି.ପି.ଆର. ଆଣ୍ଡ.ଡି., ନୂଆଦିଲ୍ଲୀ, ଓଡିଶା ସରକାର ଏବଂ ଅନ୍ୟାନ୍ୟ ଉଚ୍ଚ କାର୍ଯ୍ୟାଳୟ ନିକଟରେ ସଫଳତାର ସହିତ ଉପସ୍ଥାପନା କରିପାରିଛି । ଏତଦ୍‌ଭିନ୍ନ ଏହି ବିଭାଗ ଜନସାଧାରଣ ତଥା ଅନୁଷ୍ଠାନକୁ ସୂଚନା ଅଧିକାର ଆଇନ-୨୦୦୫ ଆଧାରରେ ଆବଶ୍ୟକୀୟ ଅପରାଧିକ ତଥ୍ୟର ବିବରଣୀ ଯୋଗାଇ ଦେଉଛି । ପରିସଂଖ୍ୟାନ ବିଭାଗ, ଓଡିଶା ତଥା ଓଡିଶା ବାହାରର ସମସ୍ତ ଆରକ୍ଷୀ କାର୍ଯ୍ୟାଳୟ / ସଂସ୍ଥା, ଅନ୍ୟାନ୍ୟ ସରକାରୀ ସଂସ୍ଥା ତଥା କାର୍ଯ୍ୟାଳୟମାନଙ୍କୁ ସେମାନେ ଆବଶ୍ୟକ କରୁଥିବା ତଥ୍ୟ ସଠିକ ସମୟରେ ସଫଳତାର ସହିତ ଯୋଗାଇ ଦିଆଯାଇଛି । ଆରକ୍ଷୀ ପରିସଂଖ୍ୟାନ ବିଭାଗ, ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ସଂସ୍ଥା, ଅପରାଧ ଅନୁସନ୍ଧାନକାରୀ ଅଧିକାରୀ, ଓକିଲ ଇତ୍ୟାଦିଙ୍କୁ, ସେମାନେ ଆବଶ୍ୟକ କରୁଥିବା ଅପରାଧ ଓ ଅପରାଧୀ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ଯୋଗାଇ ଦିଆଯାଇଛି ।

ଅପରାଧ ଏବଂ ଅପରାଧିମାନଙ୍କର ପୂର୍ଣ୍ଣ ତଥ୍ୟ ରାଜ୍ୟ ଅପରାଧ ନଥି ସଂସ୍ଥାର ଏହି ପରିସଂଖ୍ୟାନ ବିଭାଗରେ ସଂଗୃହୀତ ହୋଇଥାଏ ।

୨୦୨୩ ବର୍ଷରେ ଏନସିଆରବି (NCRB), ବି.ପି.ଆର. ଆଣ୍ଡ ଡି. (BPR & D), ନୂଆ ଦିଲ୍ଲୀ ତଥା ଅନ୍ୟାନ୍ୟ ଉପରିସ୍ଥ ସରକାରୀ ସଂସ୍ଥାମାନେ ଆବଶ୍ୟକ କରୁଥିବା ସମସ୍ତ ବିବୃତି / ରିପୋର୍ଟ ସଠିକ ସମୟରେ ସେମାନଙ୍କ ଦ୍ୱାରା ସ୍ଥିରୀକୃତ ସମୟ ମଧ୍ୟରେ ସେମାନଙ୍କୁ ଯୋଗାଇ ଦିଆଯିବାପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ଉକ୍ତ ବିବୃତି/ ରିପୋର୍ଟ ମାସିକ/ ଅର୍ଦ୍ଧବାର୍ଷିକ/ ବାର୍ଷିକ ଆକାରରେ ପ୍ରେରଣ କରାଯାଇଥାଏ । କିଛି ଗୁରୁତ୍ୱପୂର୍ଣ୍ଣ ବିବୃତି/ ରିପୋର୍ଟ ଗୁଡିକ ହେଲା "କ୍ରାଇମ୍ ଇନ୍ ଇଣ୍ଡିଆ" , "ଆକ୍‌ସିଡେଣ୍ଟାଲ ଡେଥ ଆଣ୍ଡ ସୁଇସାଇଡ୍ ଇନ୍ ଇଣ୍ଡିଆ" ଡାଟା ଅନ ପୁଲିସ ଅର୍ଗାନାଇଜେସନ୍ସ ଇନ୍ ଇଣ୍ଡିଆ 'ଆନୁଆଲ ମିସିଙ୍ଗ ଡାଟା', ଇତ୍ୟାଦି । ଏହି ରିପୋର୍ଟଗୁଡିକ ଏନସିଆରବି, ବିପିଆର ଆଣ୍ଡ ଡି ଇତ୍ୟାଦିଙ୍କ ଦ୍ୱାରା ପ୍ରଦତ୍ତ ସଫ୍‌ଟୱେର ମାଧ୍ୟମରେ ପ୍ରସ୍ତୁତ କରାଯାଇଥାଏ ଯାହାକି ସମୟ ସମୟକୁ ଗୃହ ମନ୍ତ୍ରଣାଳୟ, ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶରେ ଅଦ୍ୟତନ (Update)

କରାଯାଇଥାଏ ।

ଏତଦ୍‌ବ୍ୟତୀତ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା(CAW&CW), ଓଡିଶା, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ବାର୍ଷିକ ପରିସଂଖ୍ୟାନ ରିପୋର୍ଟ 'ବେନିୟମ ମାନବ ଚାଲାଣ' ରାଜ୍ୟ ଅପରାଧ ନଥି ସଂସ୍ଥା (SCRB), ଓଡିଶା, ଭୁବନେଶ୍ୱର ଦ୍ୱାରା ସଙ୍କୋଳିତ ହୋଇ ଜାତୀୟ ଅପରାଧ ନଥି ସଂସ୍ଥା (NCRB), ନୂଆ ଦିଲ୍ଲୀକୁ ପ୍ରେରଣ ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଅଛି । ସେହିପରି ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ (vigilance Directorate), ଓଡିଶା,କଟକ ଦ୍ୱାରା ପ୍ରସ୍ତୁତ ହେଉଥିବା ବାର୍ଷିକ ପରିସଂଖ୍ୟାନ ରିପୋର୍ଟ 'ଦୁର୍ନୀତି ନିବାରଣ ଧାରା' (Prevention of Corruption Act) ମଧ୍ୟ ରାଜ୍ୟ ଅପରାଧ ନଥି ସଂସ୍ଥା (SCRB), ଓଡିଶା, ଭୁବନେଶ୍ୱର ଦ୍ୱାରା ସଙ୍କୋଳିତ ହୋଇ ଜାତୀୟ ଅପରାଧ ନଥି ସଂସ୍ଥା(NCRB), ନୂଆ ଦିଲ୍ଲୀକୁ ପ୍ରେରଣ ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଅଛି । ଆହୁରି ମଧ୍ୟ ନାନା ପ୍ରକାରର ବିବରଣୀ ଯଥା IPC / SLL ର ବିଭିନ୍ନ ଦଫାରେ ଅକାମି କରାଯାଇଥିବା ବ୍ୟାଙ୍କ ଏକାଉଣ୍ଟର ତଥ୍ୟ, "ବିଭିନ୍ନ ଧାରା ଆଉ ଦଫାରେ ସମ୍ପତ୍ତି ବାଜ୍ୟାପ୍ତି ସମ୍ବନ୍ଧୀୟ ତଥ୍ୟ" ଇତ୍ୟାଦି ଗୃହ ମନ୍ତ୍ରଣାଳୟ, ଭାରତ ସରକାରଙ୍କୁ ସେମାନଙ୍କ ନିର୍ଦ୍ଦେଶିତ ପ୍ରୋଫୋର୍ମା ରେ ଯୋଗାଇ ଦିଆଯାଇଥାଏ ।

## ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟର ସଫଳତା:

ସି.ସି.ଟି.ଏନ.ଏସ. ପ୍ରୋଜେକ୍ଟ ଓଡିଶା ରାଜ୍ୟରେ ସଫଳତାର ସହିତ ପ୍ରତିପାଦିତ ହୋଇଅଛି । ତନ୍ମଧ୍ୟରୁ ପ୍ରମୁଖ ସଫଳତା ଗୁଡିକ ନିମ୍ନରେ ପ୍ରଦତ୍ତ କରାଗଲା:-

- ଏହି ଯୋଜନା ଅନ୍ତର୍ଗତ (୬୭୯)ପୁଲିସ ଥାନା, ଉଚ୍ଚତର କାର୍ଯ୍ୟାଳୟ (୨୨୪), ପୋଲିସ ନିୟନ୍ତ୍ରଣ କକ୍ଷ (୩୭) ଏବଂ ସି.ସି.ଟି.ଏନ.ଏସ. ତାଲିମ କେନ୍ଦ୍ର (୩୬) ମାନଙ୍କୁ ଆବଶ୍ୟକୀୟ କମ୍ପ୍ୟୁଟର ଏବଂ ମୁଦ୍ରକ ଯୋଗାଇ ଦିଆଯାଇଛି ।
- ପ୍ରତ୍ୟେକ ଥାନାକୁ ୦୪ ଟି ଲେଖାଏଁ କମ୍ପ୍ୟୁଟର, ୦୧ ଟି Multi Functional Printer ଓ ୦୧ ଟି Duplex Printer ଉକ୍ତ ଯୋଜନାରେ ଯୋଗାଇ ଦିଆଯାଇଛି ।
- ପ୍ରତ୍ୟେକ ଉଚ୍ଚତର କାର୍ଯ୍ୟାଳୟକୁ ୩ଟି ଲେଖାଏଁ କମ୍ପ୍ୟୁଟର, ୦୧ ଟି Multi Functional Printer ଏବଂ ୦୧ ଟି 2-KVA ଅନଲାଇନ UPS ଏବଂ ୦୧ ଟି CISCO ସୁଇଚ୍ ଉକ୍ତ ଯୋଜନାରେ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ପ୍ରତ୍ୟେକ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ୧୦ଟି ଲେଖାଏଁ କମ୍ପ୍ୟୁଟର, ୧୦ଟି Multi Functional Printer ଏବଂ ୦୨ ଟି 2-KVA ଅନଲାଇନ UPS ଯୋଗାଇ ଦିଆଯାଇଛି ।
- ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (OCAC), ଭୁବନେଶ୍ୱରଠାରେ ଗୋଟିଏ ଷ୍ଟେଟ ଡାଟା ସେଣ୍ଟର ସ୍ଥାପନ କରାଯାଇଛି
- ସମସ୍ତ ଥାନା ଏବଂ ଉଚ୍ଚତର କାର୍ଯ୍ୟାଳୟ ଗୁଡିକ ୧୨ ଏମବିପିଏସ ଏମପିଏଲଏସ/ ଭିସାଟ ନେଟୱାର୍କ ସହିତ

ଯୋଡିହୋଇଛନ୍ତି ଏବଂ ରାଜ୍ୟ ତଥ୍ୟ କେନ୍ଦ୍ରକୁ କ୍ରମାଗତ ଭାବେ ତଥ୍ୟ ପ୍ରେରଣ କରିଆସୁଛନ୍ତି ।

- ନୂଆଦିଲ୍ଲୀଠାରେ ପ୍ରତିଷ୍ଠିତ ହୋଇଥିବା "ନ୍ୟାସନାଲ୍ ଡାଟା ସେଣ୍ଟର" (ଜାତୀୟ ତଥ୍ୟ କେନ୍ଦ୍ର/ ଆପଦକାଳୀନ ତଥ୍ୟ ପୁନଃ ପ୍ରାପ୍ତ କେନ୍ଦ୍ର) କୁ ଷ୍ଟେଟ ଡାଟା ସେଣ୍ଟର, ଭୁବନେଶ୍ୱର ପ୍ରତି ୨୪ ଘଣ୍ଟାରେ ଥରେ ତଥ୍ୟ ବ୍ୟବସ୍ଥିତି (ସିଙ୍କ୍ରୋନାଇଜେସନ) କରିଥାଏ ।
- ୨୦୦୫ ମସିହାଠାରୁ ସମସ୍ତ ପୁରୁଣା ତଥ୍ୟ ଶତ ପ୍ରତିଶତ ଡିଜିଟାଲ କରାଯାଇଅଛି ଏବଂ ସି.ସି.ଟି.ଏନ.ଏସ.ର କୋର ଆପ୍ଲିକସନ ସଫ୍‌ଟୱୟାର ମାଧ୍ୟମରେ ନିୟନ୍ତ୍ରିତ ହେଉଛି ।
- ୨୦୧୫ ମସିହାଠାରୁ ସମସ୍ତ ଥାନାର ଶତ ପ୍ରତିଶତ ଏତଲା ସି.ସି.ଟି.ଏନ.ଏସ. ମାଧ୍ୟମରେ ପ୍ରତିପାଦିତ କରାଯାଉଛି । ୩୧.୧୨.୨୦୨୩ ସୁଦ୍ଧା ସର୍ବମୋଟ ୧୯୯୯୬୭ ସଂଖ୍ୟକ ଏତଲା କରାଯାଇଛି ।
- ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କେବଳ ସମ୍ବେଦନଶୀଳ ଏତଲା ଗୁଡ଼ିକୁ ବାଦ ଦେଇ ଅନ୍ୟ ସମସ୍ତ ଏତଲାକୁ ଓଡିଶା ପୋଲିସର ନାଗରିକ ନିର୍ବାହିକାରେ ଅପଲୋଡ କରାଯାଉଛି ।(ସିଟିଜେନ ପୋର୍ଟାଲ) ।
- ସମସ୍ତ ଦୋଷାରୋପ ଫର୍ଦ୍ଦ(ଚାର୍ଜ ସିଟ୍) ଏବଂ ଅନ୍ତିମ ଫର୍ଦ୍ଦ (ଫାଇନାଲ ଫର୍ମ) ଗୁଡିକ ମଧ୍ୟ ସି.ସି.ଟି.ଏନ.ଏସ. ମାଧ୍ୟମରେ ନିୟନ୍ତ୍ରିତ ହେଉଛି ।
- ମୋଟ ୧୪ ପ୍ରକାରର ସେବା "ଓଡିଶା ପୁଲିସ ସିଟିଜେନ ପୋର୍ଟାଲ" ମାଧ୍ୟମରେ ସମସ୍ତ ନାଗରିକ ମାନଙ୍କ ପାଇଁ ଉପଲବ୍ଧ ହେଉଅଛି । ଏହାଦ୍ୱାରା ଜନସାଧାରଣ ଥାନାକୁ ନଯାଇ ନିଜ ଘରେ ବସି ମୋବାଇଲ / କମ୍ପ୍ୟୁଟର ମାଧ୍ୟମରେ ଖୁବ୍ କମ ସମୟ ମଧ୍ୟରେ ଓଡିଶା ପୁଲିସର ବିଭିନ୍ନ ସେବାମାନ ପାଇପାରିବେ ।

କ) ସାଧାରଣ ଅଭିଯୋଗ

ଖ) ଚରିତ୍ରଗତ ପ୍ରମାଣପତ୍ର ପାଇଁ ଆବେଦନ

ଗ) କୌଣସି ଅନୁଷ୍ଠାନିକ କାର୍ଯ୍ୟକ୍ରମ ପାଇଁ ଆବେଦନ

ଘ) ଶୋଭାଯାତ୍ରା ପାଇଁ ଆବେଦନ

ଙ) ବନ୍ଦ/ହରତାଳ ପାଇଁ ଆବେଦନ

ଚ) ଭଡାଟିଆ ମାନଙ୍କ ସତ୍ୟାପନ

ଛ) କର୍ମଚାରୀମାନଙ୍କ ସତ୍ୟାପନ

ଜ) ହଜିଯାଇଥିବା ସମ୍ପଦ ବାବଦରେ ସତ୍ୟାପନ

ଝ) ଏତଲାର ନକଲ ପାଇବା ପାଇଁ ଆବେଦନ

ଞ) ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ବାବଦରେ ଆବେଦନ

ଟ) ଅନ୍ତିମ ଫର୍ଦ୍ଦ ନକଲ ପାଇଁ ଆବେଦନ

ଠ) ଡାକବାଜି ଯନ୍ତ୍ର ବ୍ୟବହାର ପାଇଁ ଆବେଦନ

ଡ଼) ଘରୋଇ ସହାୟତା ପାଇଁ ସତ୍ୟାପନ

ଢ ) ବରିଷ୍ଠ ନାଗରିକ ସହାୟତା

- **ରାସ୍ତା ଦୁର୍ଘଟଣା ତଥ୍ୟ ଏକକାଂଶ (Road Accident Case Documents Module)**:-ରାସ୍ତାରେ ଯାନବାହନ ଜନିତ ଦୁର୍ଘଟଣାରେ ଜଡିତଥିବା ବ୍ୟକ୍ତି ତଥା ବୀମା କମ୍ପାନୀ ମାନଙ୍କୁ ଯଥାଶୀଘ୍ର ବୀମାର ସୁବନ୍ଦୋବସ୍ତ କରିବା ନିମନ୍ତେ ବୀମା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବାରେ ଏହା ସହାୟକ ହୋଇଥାଏ । ସାଧାରଣ ବ୍ୟକ୍ତିଙ୍କ ପାଇଁ ଏହି ସେବା ମାଗଣା ଥିବାବେଳେ ବୀମା କମ୍ପାନୀମାନେ ୧୦୦/- ଟଙ୍କା ବିନିମୟରେ ଏହାକୁ ଡାଉନଲୋଡ କରିପାରିବେ ।
- **"ସହାୟତା" ମୋବାଇଲ ଆପ୍:** ଓଡିଶା ପୁଲିସ ଜନସାଧାରଣମାନଙ୍କୁ ସମୟଭିତ୍ତିକ ସେବା ଯୋଗାଇ ଦେବାପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ । ଜନସାଧାରଣଙ୍କୁ ଉନ୍ନତ ଏବଂ ତ୍ୱରିତ ସେବା ଯୋଗାଇ ଦେବାପାଇଁ ଓଡିଶା ପୁଲିସ ତରଫରୁ "ସହାୟତା" ନାମରେ ଏକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି ଯାହାକି "Android Playstore" ଏବଂ "IOS" ରେ ଉପଲବ୍ଧ ।
- **ଆରକ୍ଷୀ ମୋବାଇଲ ଆପ୍ଲିକେସନ୍** : ତଦନ୍ତକାରୀ ଅଧିକାରୀ ଅପରାଧସ୍ଥଳରେ ଉପସ୍ଥିତ ରହି ତଦନ୍ତ କରିବା ନିମନ୍ତେ "ଆରକ୍ଷୀ" ନାମକ ମୋବାଇଲ ଆପ୍ଲିକେସନ ବିକଶିତ କରାଯାଇଛି ଯାହାଦ୍ୱାରା ତଦନ୍ତ ପ୍ରକିୟା ଅଧିକ ସରଳ ହୋଇପାରୁଛି
- **ସ୍ୱତନ୍ତ୍ର ବିବରଣୀ ମୋଡ୍ୟୁଲ:-** ଉପରିସ୍ଥ ଅଧିକାରୀମାନେ ଏହି ମୋଡ୍ୟୁଲ ସାହାଯ୍ୟରେ ସ୍ୱତନ୍ତ୍ର ବିବରଣୀ ବା ସ୍ପେଶାଲ ରିପୋର୍ଟ କେସରେ ସମୟଭିତ୍ତିକ ଆଦେଶ ଅନୁବୃତ୍ତ ଆଦି ତଥ୍ୟ ତଦନ୍ତକାରୀ ଅଧିକାରୀ ମାନଙ୍କୁ ସୁବିଧାରେ ଏବଂ କମ ସମୟ ମଧ୍ୟରେ ପଠାଇ ପାରିବେ ଯାହାକି ତଦନ୍ତ ଉପଯୋଗୀ ହେଉଅଛି ।
- **ଅଣ-ସ୍ୱତନ୍ତ୍ର ବିବରଣୀ ମୋଡ୍ୟୁଲ:-** ଉପରିସ୍ଥ ଅଧିକାରୀ ମାନେ ଏହି ମୋଡ୍ୟୁଲ ସାହାଯ୍ୟରେ ଅଣ-ସ୍ୱତନ୍ତ୍ର ବିବରଣୀ ବା ନନ-ସ୍ପେଶାଲ ରିପୋର୍ଟ କେସରେ ସମୟଭିତ୍ତିକ ଆଦେଶ ଅନୁବୃତ୍ତ ଆଦି ତଥ୍ୟ ତଦନ୍ତକାରୀ ଅଧିକାରୀ ମାନଙ୍କୁ ସୁବିଧାରେ ଏବଂ କମ ସମୟ ମଧ୍ୟରେ ପଠାଇ ପାରିବେ ଯାହାକି ତଦନ୍ତ ଉପଯୋଗୀ ହୋଇପାରିବ ।
- **ଗୋଷ୍ଠୀ ଭିତ୍ତିକ ସନ୍ଦେଶ ପ୍ରେରଣ:-** ଜନସାଧାରଣ ଅନୁରୋଧ କରିଥିବା ସେବାର ସ୍ଥିତି ଜାଣିବା ପାଇଁ "ସହାୟତା" ଏସ୍.ଏମ୍.ଏସ୍ ଏବଂ ଇ-ମେଲ ସେବାର ବ୍ୟବସ୍ଥା କରାଯାଇଛି ।
- **ମେଡିକୋ ଲିଗାଲ ଓପିନିୟନ ସିଷ୍ଟମ (MLOS)**:- ଏଣିକି କୌଣସି ଅପରାଧର ଡାକ୍ତରୀ ତଥ୍ୟ ପାଇବା ପାଇଁ ତଦନ୍ତକାରୀ ଅଧିକାରୀମାନେ ସିଧାସଳଖ ଚିକିତ୍ସାଧିକାରୀମାନଙ୍କୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ

ସଫ୍ଟୱୟାର ମାଧ୍ୟମରେ ଅନୁରୋଧ ପତ୍ର ପ୍ରେରଣ ଏବଂ ଗ୍ରହଣ କରିପାରିବେ । ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ "ମେଡିକୋ ଲିଗାଲ ଓପିନିୟନ ସିଷ୍ଟମ" (MLOS) ନାମକ ଏକ ମଡ୍ୟୁଲ ବିକଶିତ କରାଯାଉଛି ଯାହାଦ୍ୱାରାକି ଏଭଳି ସଂବେଦନଶୀଳ କାର୍ଯ୍ୟକଳାପ ସମ୍ପୁର୍ଣ୍ଣ ସ୍ୱଚ୍ଛତାର ସହିତ କମ୍ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇପାରିବ ।

- **ଆର୍କ-ଜିଆଇଏସ (ARC-GIS)**:- ଭୌଗୋଳିକ ତଥ୍ୟ ଅନୁଯାୟୀ ଦୁର୍ଘଟଣାସ୍ଥଳର ସଠିକ ନିରୂପଣ ତଥା ସମ୍ପୃକ୍ତ ଥାନାର କାର୍ଯ୍ୟକାରୀ ପରିସୀମାକୁ ନିଶ୍ଚିତ କରିବା ନିମନ୍ତେ "ଆର୍କ-ଜିଆଇଏସ" (ARC-GIS) ନାମକ ସର୍ଭରକୁ ସି.ସି.ଟି.ଏନ୍.ଏସ୍. କୋର ଆପ୍ଲିକେସନ ସଫ୍ଟୱୟାର ଡାଟାବେସ ଦ୍ୱାରା ଏକୀକୃତ କରାଯାଇଛି । ବର୍ତ୍ତମାନ ରାଜ୍ୟର ସମସ୍ତ ଥାନା ଗୁଡିକର ପରିସୀମା ଭୌଗୋଳିକ ଘେରାବନ୍ଦୀ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବାରୁ ଏହା ତଦନ୍ତକାରୀ ଅଧିକାରୀ ମାନଙ୍କୁ ଅଧିକ ସହାୟକ ହେଉଅଛି ।
- **ମତାମତ ପରିଚାଳନା ପ୍ରଣାଳୀ**:- ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ୫ଟି (5T ) ଯୋଜନା ଅନ୍ତର୍ଗତ "ମୋ ସରକାର" ବ୍ୟବସ୍ଥାର ସଫଳ ରୂପାୟନ ନିମନ୍ତେ ଏକ ରାଜ୍ୟସ୍ତରୀୟ ଉଦଘୋଷଣା କେନ୍ଦ୍ର (କଲ ସେଣ୍ଟର) ରାଜ୍ୟ ଅପରାଧ ନଥି ସଂସ୍ଥା ଅଧୀନରେ ତା ୦୪.୦୯.୨୦୧୯ ରିଖ ଠାରୁ କାର୍ଯ୍ୟ କରୁଛି । ପୁଲିସ ଥାନାକୁ ଆସୁଥିବା ବିଭିନ୍ନ ଅଭିଯୋଗକାରୀ / ନାଗରିକମାନଙ୍କୁ ପୁଲିସର ବ୍ୟାବହାରିକ / ଭାଷାଗତ ଏବଂ କ୍ରିୟାଗତ ମାନ ନିର୍ଦ୍ଧାରଣ କରିବା ନିମନ୍ତେ ସେମାନଙ୍କ ମତାମତ ସଂଗ୍ରହ କରାଯାଉଛି । ଏଥିପାଇଁ ଏକ ମତାମତ ପରିଚାଳନା ପ୍ରଣାଳୀ (Feedback Management System) ନାମକ ଏକ ଡ୍ୟାସବୋର୍ଡର ବ୍ୟବସ୍ଥା କରାଯାଇଛି ଯାହାକି ବହୁତ ଉପଯୋଗୀ ହେଉଛି ।
- **ଆଭାଷୀ ପୁଲିସ ଥାନା (Virtual Police Station )**:- ମାନ୍ୟବର ମୁଖ୍ୟମନ୍ତ୍ରୀ ତା:୨୮.୦୧.୨୦୨୦ ରିଖ ଠାରୁ ରାଜ୍ୟ ଅପରାଧ ନଥି ସଂସ୍ଥାରେ ଏକ ଆଭାଷୀ ପୁଲିସ ଥାନାର ଉଦଘାଟନ କରିଛନ୍ତି । ଏହାଦ୍ୱାରା ଜନସାଧାରଣ ଥାନାକୁ ନ ଯାଇ ଘରେ ବସି ଅନଲାଇନରେ ସିଟିଜେନ ପୋର୍ଟାଲ / ସହାୟତା ମୋବାଇଲ ପ୍ରୟୋଗ ମାଧ୍ୟମରେ ନିଜର ଗାଡି ଚୋରି ସଂକ୍ରାନ୍ତୀୟ ଅଭିଯୋଗ ଦାଖଲ କରିବା ସହିତ ତତ୍ସମ୍ବନ୍ଧୀୟ ସୂଚନା ଏସ୍.ଏମ୍.ଏସ୍. ମାଧ୍ୟମରେ ପ୍ରାପ୍ତ କରିପାରିବେ । ଏହି ବାବଦରେ ସମ୍ପୃକ୍ତ ଥାନାରେ ଡାଇରୀ କରାଯାଇ କେସ୍ ପଞ୍ଜୀକରଣ ହେବାପରେ ଅନୁସନ୍ଧାନ ଆରମ୍ଭ କରାଯାଏ । କେସ ପଞ୍ଜୀକରଣ ହେବାର ୨୧ ଦିନ ମଧ୍ୟରେ ଯଦି ଅନୁସନ୍ଧାନକାରୀ ଅଧିକାରୀ ଅନ୍ତିମ ଫର୍ଦ୍ଦ ଦାଖଲ ନକରନ୍ତି, ତେବେ ସ୍ୱୟଂକ୍ରିୟ ଭାବେ ଅନ୍ତିମ ଫର୍ଦ୍ଦ ନ୍ୟାୟାଳୟରେ ଦାଖଲ ହୋଇଥାଏ ।
- **ସଡକ ଦୁର୍ଘଟଣା ଅନୁସନ୍ଧାନ ଏକକାଂଶ (Road Accident Case Investigation Module)**:- ଏହି ଏକକାଂଶଟିକୁ ସଡକ ପରିବହନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଆବଶ୍ୟକତା ଅନୁଯାୟୀ ବିଶ୍ଳେଷଣ ପାଇଁ ଆବଶ୍ୟକ ତଥ୍ୟ ଅବଲୋକନ କରିବା ପାଇଁ ବିକଶିତ କରାଯାଇଛି । ଏହି ଏକକାଂଶଟି ଏକ ଏନାଲିଟିକାଲ ତଥ୍ୟ ପ୍ରସ୍ତୁତ କରିବ ଯାହା ସଡକ ଦୁର୍ଘଟଣାରେ ମୃତ୍ୟୁହାର ହ୍ରାସ କରିବା ସହିତ ସଡକକୁ ଅଧିକ ସୁରକ୍ଷିତ କରିବ ଏବଂ ଏଥି ନିମନ୍ତେ ନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ । ୦୧.୦୧.୨୦୨୧ରୁ ୦୭.୦୭.୨୦୨୨

ପର୍ଯ୍ୟନ୍ତ ମୋଟ ୧୭,୨୮୦ ଗୋଟି ସଡକ ଦୁର୍ଘଟଣା ମାମଲା ମଧ୍ୟରୁ ୯୯୦୪ ଗୋଟି ମାମଲା ଉକ୍ତ ମୋଡ୍ୟୁଲ ମାଧ୍ୟମରେ ପଞ୍ଜିକୃତ ହୋଇଅଛି ।

- **ଇ-ଅଭିଯୋଗ:-** ପୁଲିସ ବାହିନୀର ସମସ୍ତ କର୍ମଚାରୀମାନେ ସେମାନଙ୍କର ସମସ୍ତ ଅଭିଯୋଗ ଏହି ମୋଡ୍ୟୁଲ ମାଧ୍ୟମରେ ଅନଲାଇନରେ ନିଜର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ଯାହାକି ଉପଯୁକ୍ତ ମାଧ୍ୟମରେ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଉପସ୍ଥାପିତ ହୋଇ କାର୍ଯ୍ୟକାରୀ କରାଯାଇ ପାରିବ ।
- **ୱାରେଣ୍ଟ ପରିଚାଳନା ବ୍ୟବସ୍ଥା:-**ଏହି ପୋର୍ଟାଲ ନ୍ୟାୟ ପାଳିକା ଦ୍ୱାରା ପୋଲିସକୁ ୱାରେଣ୍ଟ ପ୍ରଦାନ କରାଯିବା ପ୍ରକ୍ରିୟାକୁ ସୁଗମ କରିବା ଯଥା- ୱାରେଣ୍ଟୀଙ୍କୁ ୱାରେଣ୍ଟ ଜାରି କରିବା, ୱାରେଣ୍ଟ ଗ୍ରହଣ କରିବା ଠାରୁ କାର୍ଯ୍ୟକାରୀ ୱାରେଣ୍ଟର ସ୍ଥିତିକୁ ଟ୍ରାକିଂ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ପୋର୍ଟାଲ ମାଧ୍ୟମରେ ବିଭିନ୍ନ ପ୍ରକାରର ୱାରେଣ୍ଟ ଯଥା-ଜାମିନ ଯୋଗ୍ୟ ୱାରେଣ୍ଟ, ଜାମିନ ବିହୀନ ୱାରେଣ୍ଟ, ଜବତ ୱାରେଣ୍ଟ ଏବଂ ସୁପାରିଶ ଜାରି କରାଯାଇପାରିବ । ୱାରେଣ୍ଟ ଜାରି କରିବା ସମୟରେ ଯଦି କୌଣସି ୱାରେଣ୍ଟୀର ତଥ୍ୟ ପୂର୍ବରୁ ସି.ସି.ଟି.ଏନ୍.ଏସ୍.ରେ ଥିବ, ତାହା ସ୍ୱୟଂ କ୍ରିୟ ଭାବରେ ଏକ ନିର୍ଭୁଲ ତଥ୍ୟ ଆହରଣ କରିବ ଯାହାକି କମ ସମୟ ମଧ୍ୟରେ ହୋଇ ପାରିବ । ଏହି ଏକକାଂଶଟି ଗତ ତା ୭.୦୮.୨୦୨୩ ରିଖ ଦିନ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ଼ଃ ଏସ୍.ମୁରଲୀଧରଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।
- **ଘରୋଇ ସୁରକ୍ଷା ସଂସ୍ଥାର ସତ୍ୟାପନ/ଯାଞ୍ଚ:-** ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶରେ ଉକ୍ତ ମୋଡ୍ୟୁଲକୁ ବିକଶିତ କରାଯାଇଛି । ଏହି ମୋଡ୍ୟୁଲ ସହାୟତାରେ ପ୍ରତି ଜିଲ୍ଲାର ପୁଲିସ ଥାନା ଅଧୀନରେ ଆସୁଥିବା ସମସ୍ତ ଘରୋଇ ସୁରକ୍ଷା ସଂସ୍ଥାର ସତ୍ୟାପନ/ଯାଞ୍ଚ କରାଯାଇପାରିବ ।
- **ବିଧିବିଜ୍ଞାନ ପ୍ରୟୋଗଶାଳା ଏକକାଂଶ:-**ଏହି ଏକକାଂଶ ହେଉଛି ଏକ ଭୂମିକା ଆଧାରିତ ୱେବ୍ ପ୍ରୟୋଗ ଯାହା ସ୍ୱଚ୍ଛତା, ଦକ୍ଷତା ବଜାୟ ରଖିବା ଏବଂ କାର୍ଯ୍ୟଭାର ହ୍ରାସ କରିବା ନିମନ୍ତେ ରାଜ୍ୟ ବିଧିବିଜ୍ଞାନ ପ୍ରୟୋଗଶାଳାର ସମ୍ପୂର୍ଣ୍ଣ କାର୍ଯ୍ୟ ଶୈଳୀକୁ ସ୍ୱୟଂଚାଳିତ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ, ବିଧିବିଜ୍ଞାନ ପ୍ରୟୋଗଶାଳା ଏକକାଂଶର କଷ୍ଟୋମାଇଜେସନ ଫଳସ୍ୱରୂପ ପାରସ୍ପରିକ ଅପରାଧିକ ନ୍ୟାୟ ବ୍ୟବସ୍ଥା(ICJS) ଅଧୀନରେ ଏହାକୁ କାର୍ଯ୍ୟକାରୀ କରିଥିବାରୁ ୨୦୨୧ ମସିହା ନିମନ୍ତେ ଜାତୀୟ ଅପରାଧ ନଥି ସଂସ୍ଥା (NCRB)ର ବାର୍ଷିକ ସମ୍ମିଳନୀର ଓଡିଶା ପୁଲିସକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା ।
- **ସାକାର (SAACAR):-** ଏହା ହେଉଛି ରାଜ୍ୟ ସରକାର 5T ନିର୍ଦ୍ଦେଶନର ଏକ ପଦକ୍ଷେପ ଯାହା ଏତଲା ପଞ୍ଜିକରଣ ତାରିଖରୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ SC / ST ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ମାମଲାରେ ପୀଡିତାଙ୍କୁ କ୍ଷତିପୂରଣ ଦେବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ଏହି ପ୍ରକ୍ରିୟା ଦ୍ୱାରା ବିଭିନ୍ନ ସରକାରୀ ବିଭାଗ, ଯଥା:- ଗୃହ, ସ୍ୱାସ୍ଥ୍ୟ, ରାଜସ୍ୱ, ବିଧିବିଜ୍ଞାନ ପ୍ରୟୋଗଶାଳା, ଅନୁସୂଚିତ ଜାତି/ଉପଜାତି ବିଭାଗଗୁଡିକୁ ଏକୀକୃତ କରାଯାଇ ଅନୁସନ୍ଧାନ ଏବଂ କ୍ଷତିପୂରଣ ବଣ୍ଟନ ସହିତ ଜଡିତ ସମସ୍ତ କାର୍ଯ୍ୟଧାରାକୁ ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟାରେ ସମ୍ପନ୍ନ କରାଯିବାର ବ୍ୟବସ୍ଥା ହୋଇଛି । ଏହି ପୋର୍ଟାଲକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ୧୨.୧୦.୨୦୨୨ରେ ଉନ୍ମୋଚନ କରିଛନ୍ତି ଏବଂ ଏହା ବର୍ତ୍ତମାନ ସାରା ରାଜ୍ୟରେ କାର୍ଯ୍ୟକ୍ଷମ ହୋଇଛି ।

- **ଅପରାଧ ପରିଚାଳନା ବ୍ୟବସ୍ଥା (CMS)**:- ସମସ୍ତ ଅପରାଧର ସହଜ ମନିଟରିଂ ପାଇଁ ବିଶାଳ ଡାଟାବେସ କରିବା ଉଦ୍ଦେଶ୍ୟରେ SCRB ଦ୍ୱାରା 5T ପଦକ୍ଷେପ ଅନୁଯାୟୀ ଏହି ପ୍ରଣାଳୀ ବିକଶିତ ହୋଇଛି । ଏହା ସମ୍ପୂର୍ଣ୍ଣ କେସ୍ ରେକର୍ଡର ଅନଲାଇନ ପ୍ରବେଶ, ନିର୍ଦ୍ଦେଶର ଅନଲାଇନ ଟ୍ରାନ୍ସମିଶନ ଏବଂ ମାମଲାର ପ୍ରକୃତ ସମୟ ମନିଟରିଂ ଏବଂ ଟ୍ରାକିଂ ନିଶ୍ଚିତ କରିବାକୁ ସୁଗମ କରିବ । ପ୍ଲାଟଫର୍ମ ଉନ୍ନତ ଆନାଲିଟିକାଲ ଉପକରଣଗୁଡିକର ପ୍ରକ୍ରିୟାକରଣର ସହିତ ପାରସ୍ପରିକ ଅଟେ ଯେପରିକି ଅପରାଧ ଧାରାକୁ ଧରିବା ପାଇଁ ଗ୍ରାଫ୍ ଯାହା ଉଭୟ ତଦନ୍ତକାରୀ ଅଧିକାରୀ ଏବଂ ତଦାରଖକାରୀ ଅଧିକାରୀ, ସମସ୍ତଙ୍କ କାର୍ଯ୍ୟଦକ୍ଷତା ଉପରେ ନଜର ରଖିବା ସମ୍ଭବ ହୋଇପାରିବ । ଏହା ବର୍ତ୍ତମାନ ପରୀକ୍ଷଣର ଅବସ୍ଥାରେ ଅଛି ଏବଂ ଯଥାଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱାରା ଉନ୍ମୋଚନ କରାଯିବାର ସମ୍ଭାବନା ରହିଛି । ଓଡିଶା ହେଉଛି ଏପରି ପ୍ରଣାଳୀ ବିକଶିତ କରିବାରେ ଦେଶର ପ୍ରଥମ ରାଜ୍ୟ କାରଣ ଦେଶର ଅନ୍ୟ କୌଣସି ରାଜ୍ୟ ଏପରି ଶକ୍ତିଶାଳୀ ଉପଭୋକ୍ତା ବନ୍ଧୁତ୍ୱପୂର୍ଣ୍ଣ ପ୍ରଣାଳୀ ବିକଶିତ କରିନାହାଁନ୍ତି ।
- **ଅତ୍ୟାଚାର ମାମଲା, ଜାତୀୟ କମିଶନ ମାମଲା ତଥା ପୀଡିତ ମାନଙ୍କୁ ସହାୟତା (Monitoring of Atrocity, National Commission Cases and Assistance to Victims (MANAV))**:- ଏହି ପୋର୍ଟାଲଟି ଅତ୍ୟାଚାର ମାମଲା ସମ୍ବନ୍ଧରେ ସି.ସି.ଟି.ଏନ.ଏସ. ତଥ୍ୟ ଉପରେ ଡିଜାଇନ୍ କରାଯାଇଛି ଏବଂ ସି.ସି.ଟି.ଏନ.ଏସ୍. କୋର ଆପ୍ଲିକେସନ୍ ସଫ୍ଟୱେର (CAS) ସହିତ ଏକୀକୃତ ହୋଇଛି । ଏହା ଏକ ଭୂମିକା ଆଧାରିତ ପ୍ରୟୋଗ ଏବଂ ସି.ସି.ଟି.ଏନ.ଏସ୍. ପ୍ଲାଟଫର୍ମରେ ଉପଲବ୍ଧ । ଏହା ନିର୍ଦ୍ଦିଷ୍ଟ ଭାବରେ ଅତ୍ୟାଚାର ସମ୍ବନ୍ଧୀୟ ମାମଲାଗୁଡିକର ମନିଟରିଂ, ଟ୍ରାକିଂ ଏବଂ ବିଶ୍ଳେଷଣ ପାଇଁ ଡିଜାଇନ୍ କରାଯାଇଛି । ଏହା ଏକକ ସାଇନ୍-ଇନ୍ ମାଧ୍ୟମରେ ସି.ସି.ଟି.ଏନ.ଏସ୍. କୋର ଆପ୍ଲିକେସନ ସଫ୍ଟୱେର SR ମଡ୍ୟୁଲ ସହିତ ତଥ୍ୟକୁ ଏକତ୍ର କରିଥାଏ । ଏହା ରାଜ୍ୟ ତଥ୍ୟ କେନ୍ଦ୍ର-ଭୁବନେଶ୍ୱରରେ ସି.ସି.ଟି.ଏନ.ଏସ୍. ସହିତ ମିଳିତ ଭାବରେ ଆୟୋଜିତ ହୋଇଛି ଯାହାକି ୨୧.୦୮.୨୦୨୩ ରେ ଆରମ୍ଭ କରାଯାଇଛି ।
- **ଯାନ ବାହନ ପରିଚାଳନା ଏକକାଂଶ**:- ଓଡିଶା ପୋଲିସ ଅଧୀନରେ ବିଭିନ୍ନ ବର୍ଗର ବହୁ ସଂଖ୍ୟକ ଯାନ ବାହନ ଅଛି ଯାହା ୩୬ ଟି ଜିଲ୍ଲା, ବାଟାଲିୟନ, ରେଞ୍ଜ ଅଫିସ ଏବଂ ବିଭିନ୍ନ ପ୍ରତିଷ୍ଠାନକୁ ବଣ୍ଟନ କରାଯାଇଛି । ସଠିକ୍ ଆବଣ୍ଟନ, ରକ୍ଷାବେକ୍ଷଣା ଏବଂ ବ୍ୟବହାର ନିମନ୍ତେ ଅନୁପଯୁକ୍ତ ଘୋଷଣା କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଯାନର ସ୍ଥିତି ଉପରେ ନଜର ରଖିବା ପାଇଁ ଅନେକ କାଗଜ କାମର ଆବଶ୍ୟକ ହୁଏ ଏବଂ ଏହା ପ୍ରାୟତଃ ବହୁତ ସମୟ ସାପେକ୍ଷ । ଏହା ମଧ ଦେଖାଯାଏଯେ ବେଳେବେଳେ କ୍ରୟ କରାଯାଇଥିବା ତଥ୍ୟ ମଧ ଅନେକ ତ୍ରୁଟି ବହନ କରିଥାଏ ।

## ୧.୬ ରାଜ୍ୟ ଆଙ୍ଗୁଳିଛାପ ସଂସ୍ଥା, ଭୁବନେଶ୍ୱର:

୧୯୩୬ ମସିହା ଅପ୍ରେଲ ପହିଲାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ଦିନଠାରୁ "ଓଡିଶା ଆଙ୍ଗୁଳିଛାପ

ସଂସ୍ଥା" ଗଠିତ ହୋଇଥିଲା ।

୩୨ଟି ପୋଲିସ ଜିଲ୍ଲାରେ, ୨୦୦୨ ମସିହାରୁ ଜିଲ୍ଲା ଆଙ୍ଗୁଳିଛାପ ୟୁନିଟ୍‌ଗୁଡିକୁ କାର୍ଯ୍ୟକ୍ଷମ କରାଯାଇଛି । ଉନ୍ନତ ମାନର Automated Finger Print Identification System (AFIS) ସଫ୍‌ଟୱୟାର ରାଜ୍ୟ ଅପରାଧ ନଥି ସଂସ୍ଥାର HCL Server ରେ ୨୦୧୯ ଠାରୁ ସ୍ଥାପନ କରାଯାଇଅଛି । ସମସ୍ତ ଆରକ୍ଷୀ ଜିଲ୍ଲା ଅଙ୍ଗୁଳିଛାପ ୟୁନିଟମାନଙ୍କୁ ଫିଙ୍ଗରପ୍ରିଣ୍ଟ ଲାଇଭ୍ ସ୍କାନର ଯୋଗାଇଦିଆଯାଇ ଅପରାଧୀମାନଙ୍କର ଉନ୍ନତମାନର ଅଙ୍ଗୁଳିଛାପ ଏଫିସ୍ ଡାଟାବେସ (AFIS) ରେ ସଂରକ୍ଷଣ କରାଯାଉଛି । ୬୧୩ ଗୋଟି ଥାନାକୁ ସିଙ୍ଗଲ ଡିଜିଟ ଫିଙ୍ଗରପ୍ରିଣ୍ଟ ଲାଇଭ ସ୍କାନର୍ (Single Digit Finger Print Live Scanner) ଅପରାଧୀମାନଙ୍କର ଅଙ୍ଗୁଳିଛାପ ତଥ୍ୟ ଏଫିସ୍ ଡାଟାବେସ (AFIS Database) କୁ ସିଧାସଳଖ ପ୍ରେରଣ ପାଇଁ ଯୋଗାଇ ଦିଆଯାଇଅଛି ।

୧୨୮ ଗୋଟି ମୋବାଇଲ AFIS ଯନ୍ତ୍ର କ୍ରୟ କରାଯାଇଛି । ଏହା ୩୬ଟି ପୋଲିସ ଜିଲ୍ଲାର ୧୨୮ ଗୋଟି ଥାନାକୁ ସିମ କାର୍ଡ ସହ ଯୋଗାଇ ଦିଆଯାଇଛି । ଏଥିରେ ଅଙ୍ଗୁଳି ଛାପ ମାଧ୍ୟମରେ ଯେ କୌଣସି ବ୍ୟକ୍ତିର ପୂର୍ବତନ ଅପରାଧ ବିବରଣୀ Finger Print Data Base ରୁ ପୁଲିସ ଅଧିକାରୀମାନଙ୍କୁ ତତକ୍ଷଣାତ ମିଳିପାରିବ ।

୦୫ ଗୋଟି ଆରକ୍ଷୀ ଅଞ୍ଚଳକୁ (ପୋଲିସ ରେଞ୍ଜ)କୁ Mobile Multispectral Image Processing Camera ନାମରେ ଏକ ଅତ୍ୟାଧୁନିକ କ୍ୟାମେରା ଯୋଗାଇ ଦିଆଯାଇଛି । ଏଥିରେ ଅପରାଧ ସ୍ଥଳରେ Odd Surface ରୁ ସନ୍ଦିଗ୍ଧ ଚିପଚିହ୍ନମାନ ସଂଗ୍ରହ କରାଯାଇପାରୁଛି ।

ଚଳିତ ବର୍ଷ ୩୦ ଜଣ ଦଣ୍ଡିତ ଅପରାଧୀଙ୍କର ଆଙ୍ଗୁଳିଛାପ ନଥି ଫର୍ଦ୍ଦକୁ ପରୀକ୍ଷଣ ଓ ବର୍ଗୀକରଣ କରି ସଂରକ୍ଷଣ କରାଯାଇଅଛି । ସେହିପରି ମୋଟ ୧୬,୭୭୯ ଜଣ ଗିରଫ ସନ୍ଦିଗ୍ଧ ଅପରାଧୀଙ୍କ ଅଙ୍ଗୁଳି ଛାପ ଖୋଜଫର୍ଦ୍ଦ ଯାଞ୍ଚ କରାଯାଇ ତଥ୍ୟାବଳୀ ଜିଲ୍ଲାମାନଙ୍କୁ ଯୋଗାଇ ଦିଆଯିବା ସହିତ ଏଫିସ୍ ଡାଟାବେସ୍‌ରେ ସଂରକ୍ଷଣ କରାଯାଇଅଛି ।

ମୋଟ ୨,୯୨,୧୦୨ ଜଣ ଗିରଫ ବ୍ୟକ୍ତି ଓ ଦଣ୍ଡିତ ଅପରାଧୀ ଏବଂ ୮,୪୬୭ଟି ଅଜ୍ଞାତ ଆଙ୍ଗୁଳି ଛାପ ନଥି ଫର୍ଦ୍ଦକୁ ଏଫିସ୍ ଡାଟାବେସ୍ (AFIS Database) ରେ ସଂରକ୍ଷିତ କରାଯାଇଅଛି ।

ଚଳିତ ବର୍ଷ ୪୫୬ ଟି ମାମଲାରେ ୧୪୩ ଗୋଟି ସନ୍ଦିଗ୍ଧ ଆଙ୍ଗୁଳି ଛାପ ନଥିଫର୍ଦ୍ଦ ଏଫିସ ଡାଟାବେସ (AFIS Database) ରେ enroll କରାଯାଇ ତନଖି କରାଯାଇଛି ।

୩୦ ଜଣ ଦଣ୍ଡିତ ଅପରାଧୀଙ୍କର ଆଙ୍ଗୁଳି ଛାପ ନଥିଫର୍ଦ୍ଦ ତନଖି କରାଯାଇ ଜାତୀୟ ଅପରାଧ ନଥିସଂସ୍ଥା, ନୂଆଦିଲ୍ଲୀକୁ ଯାଞ୍ଚ ଓ ପଞ୍ଜୀକରଣ ପାଇଁ ପଠାଯାଇଅଛି ।

ଚଳିତ ବର୍ଷ ୦୯ ଜଣ ଅଚିହ୍ନା ମୃତ ବ୍ୟକ୍ତିଙ୍କର ଆଙ୍ଗୁଳି ଛାପ ଏଫିସ ଡାଟାବେସ (AFIS Database) ରେ

enroll କରାଯାଇ ତନଖି କରାଯାଇଛି ।

୧୮୧ ଟି ମାମଲାରେ (ଅପରାଧ ସ୍ଥଳରୁ ସଂଗୃହୀତ ଅଙ୍ଗୁଳିଛାପ ମାମଲା-୧୬୬, ସରକାରୀ ଦଲିଲରେ ଥିବା ବିବାଦୀୟ ଟିପଚିହ୍ନ ମାମଲା-୧୨ ଏବଂ ବିଚାରାଳୟରୁ ଆସିଥିବା ଦଲିଲରେ ବିବାଦୀୟ ଟିପଚିହ୍ନ ମାମଲା-୦୨) ଅଙ୍ଗୁଳିଛାପ ପରୀକ୍ଷା କରାଯାଇ ମତାମତ ପ୍ରଦାନ କରାଯାଇଥିଲା ।

୨୦ ଟି ମାମଲାରେ ଅପରାଧ ସ୍ଥଳରୁ ମିଳିଥିବା ୬୬ ଟି ସନ୍ଦିଗ୍ଧ ଅଙ୍ଗୁଳିଛାପ ରୁ ୩୯ ସନ୍ଦିଗ୍ଧ ଅଙ୍ଗୁଳିଛାପ ୩୧ ଜଣ ଅପରାଧୀ ସଫଳତାର ସହିତ ଚିହ୍ନଟ କରାଯାଇ ସଂପୃକ୍ତ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲା, ଯାହାକି ତଦନ୍ତକାରୀ ଅଧିକାରୀମାନଙ୍କୁ ତଦନ୍ତରେ ସାହାଯ୍ୟ କରିଥିଲା ।

୨୦୨୩ ରେ ଅପରାଧସ୍ଥଳରୁ ସଂଗୃହୀତ ହୋଇଥିବା ଅଙ୍ଗୁଳି ଛାପ ମାମଲା-୪୦୬, ସରକାରୀ ଦଲିଲରେ ଥିବା ବିବାଦୀୟ ଅଙ୍ଗୁଳି ଛାପ ମାମଲା -୨୬ ଏବଂ ବିଚାରାଳୟରୁ ଆସିଥିବା ଦଲିଲରେ ଥିବା ବିବାଦୀୟ ଅଙ୍ଗୁଳି ଛାପ ମାମଲା -୦୧ ଏବଂ ଫୁଟ ପ୍ରିଣ୍ଟ ମାମଲା-୦୨ ପରୀକ୍ଷା ନିମନ୍ତେ ପ୍ରାପ୍ତ କରାଯାଇଅଛି ।

୧୩ ଟି ମାମଲା (୧୨ ଟି ସରକାରୀ ଓ ୦୧ ଟି ବିଚାରାଳୟରୁ), ୪୪୪ ଦ୍ୱନ୍ଦାତ୍ମକ ଅଙ୍ଗୁଳିଛାପକୁ ଚିହ୍ନଟ କରାଯାଇ ତଦନ୍ତକାରୀ ଅଧିକାରୀମାନଙ୍କୁ ଯୋଗାଇ ଦିଆଯାଇଛି, ଯାହା ଅନୁସନ୍ଧାନରେ ସାହାଯ୍ୟ କରିଅଛି ।

୨୦୨୩ ରେ ୬୮୯ ଜଣ ଆରକ୍ଷୀ ଅଧିକାରୀ ଏବଂ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ଅଙ୍ଗୁଳିଛାପ ବିଜ୍ଞାନ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଅଛି ।

## ୧.୭ ହସ୍ତାକ୍ଷର ପରୀକ୍ଷାଗାର:

ଓଡିଶା ରାଜ୍ୟ ପୁଲିସ୍ ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖା ଅଧୀନରେ ଥିବା ହସ୍ତାକ୍ଷର ପରୀକ୍ଷାଗାରରେ ଜାଲିଆତି, ଯୌତୁକଜନିତ ଅପରାଧ, ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର, ହତ୍ୟା, ଅର୍ଥ ତୋଷାରପାତ, ଜାଲ ନୋଟ୍ କାରବାର ଇତ୍ୟାଦି ଅପରାଧ ସମ୍ବନ୍ଧୀୟ ଦଲିଲ୍ ପରୀକ୍ଷା କରାଯାଇ ବିଶେଷଜ୍ଞ ମାନଙ୍କର ମତ ପ୍ରଦାନ କରାଯାଏ । ଏତଦ୍‌ବ୍ୟତୀତ, ସରକାରୀ କର୍ମଚାରୀମାନଙ୍କ ବିରୁଦ୍ଧରେ କରାଯାଇଥିବା ବିଭାଗୀୟ ପ୍ରୋସିଡିଙ୍ଗରେ ସମ୍ପୃକ୍ତଥିବା ଦଲିଲମାନ ମଧ୍ୟ ପରୀକ୍ଷା କରାଯାଏ । ଏଥିସହ ଏହି ପରୀକ୍ଷାଗାରରେ ନ୍ୟାୟାଳୟ ଓ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଗ୍ରହଣ କରାଯାଇଥିବା ଦଲିଲମାନ ପରୀକ୍ଷା କରାଯାଇଥାଏ ।

ଏହି ପରୀକ୍ଷାଗାରରେ କାର୍ଯ୍ୟରତ ହସ୍ତାକ୍ଷର ବିଶେଷଜ୍ଞମାନେ ପ୍ରୋବେସନାରୀ ଆରକ୍ଷୀ ଉପନିରୀକ୍ଷକ, କାରାଗାର କର୍ମଚାରୀ, ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ବୃତ୍ତିଗତ ଶିକ୍ଷାର୍ଥୀ, ବିଜୁ ପଟ୍ଟନାୟକ ରାଜ୍ୟ ଆରକ୍ଷୀ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀ, ଡାକ୍ତରୀ ଛାତ୍ର, ଛାତ୍ରୀ ତଥା ବିଭିନ୍ନ ବିଚାରାଳୟର ବିଚାରପତିମାନଙ୍କୁ ତାଲିମ ପ୍ରଦାନ କରିଥାନ୍ତି । ୨୦୨୩ ମସିହାରେ ଏହି ପରୀକ୍ଷାଗାରରେ ସମୁଦାୟ ୬୪ ଟି ପୁଲିସ୍ ମାମଲା ସମ୍ବନ୍ଧିତ ୫,୩୯୩

ଏକ୍‌ଜିବିଟ୍‌ସ ପରୀକ୍ଷା କରାଯାଇ ମତ ପ୍ରଦାନ କରାଯାଇଥିଲା । ସେହିପରି ନ୍ୟାୟାଳୟ ଏବଂ ବିଭିନ୍ନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ୩୨ ଟି ମାମଲାର ୧୪୫୧ ଏକ୍‌ଜିବିଟ୍‌ସ ପରୀକ୍ଷା କରାଯାଇ ପରୀକ୍ଷା ଫିସ୍ ବାବଦକୁ ଟ. ୪୭,୧୦୧ଙ୍କା ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି ।

## ୧.୮ ଫଟୋ ସଂସ୍ଥା:

୨୦୨୩ ମସିହାରେ ଉକ୍ତ ସଂସ୍ଥା ଦ୍ୱାରା ୩୬୭ ଟି ମାମଲାରେ ୧୬୭୮ ଟି ଅଙ୍ଗୁଳିଛାପ ଫଟୋ, ହସ୍ତାକ୍ଷର ବିଶେଷଜ୍ଞଙ୍କ ମତାମତ ପାଇଁ ୬୩ ଟି ମାମଲାରେ ୨୧୪୪ ଏକଜିବିଟ୍‌ସ ନେଗେଟିଭ ଏବଂ ୩୬ ଟି ଫଟୋ ବେସରକାରୀ ମାମଲାର ଆବଶ୍ୟକ ଫଟୋ ଚିତ୍ର ପ୍ରସ୍ତୁତ କରିବା ସହ ୧୨୫ ଜଣ କର୍ମଚାରୀଙ୍କ ପାଇଁ ପରିଚୟ ପତ୍ର ଏବଂ ଗଣ ମାଧ୍ୟମରେ ପ୍ରଚାର ପାଇଁ ନିରୁଦ୍ଦିଷ୍ଟ ବ୍ୟକ୍ତିମାନଙ୍କର ଫଟୋ କପି ପ୍ରସ୍ତୁତ କରାଯାଇଅଛି ।

ଉକ୍ତ ସଂସ୍ଥା ଅପରାଧସ୍ଥଳ, ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ୧୨୭ ଟି ଘଟଣା, ବିଶିଷ୍ଟ ବ୍ୟକ୍ତିଙ୍କର ଗସ୍ତ ସମୟରେ ୧୧ ଟି ଘଟଣା ଏବଂ ଭିନ୍ନ ଭିନ୍ନ ପୋଲିସ ଦପ୍ତରରେ ଅନୁଷ୍ଠିତ ହୋଇଥିବା ଜାତୀୟ ଓ ରାଜ୍ୟସ୍ତରୀୟ ପୋଲିସ ଉତ୍ସବ, ପୋଲିସ ତାଲିମ କାର୍ଯ୍ୟକ୍ରମ, ପାସିଙ୍ଗ ଆଉଟ ପ୍ୟାରେଡ ଇତ୍ୟାଦି କ୍ଷେତ୍ରରେ ୧୧୮ ଟି ଘଟଣାରେ ଭିଡିଓ ଚିତ୍ର ଉତ୍ତୋଳନ କରାଯାଇଅଛି ।

## ୧.୯ କେ-ନାଇନ୍ ସ୍କ୍ୱାଡ୍:

୧୯୬୧ ମସିହାଠାରୁ ଓଡିଶା ପୁଲିସ୍ ଶ୍ୱାନବାହିନୀ, ରାଜ୍ୟ ଅପରାଧ ତଦନ୍ତ ବିଭାଗ ଅଧିନରେ କାର୍ଯ୍ୟକରିଆସୁଅଛି । ଏତଦ୍‌ବ୍ୟତୀତ, ଶ୍ୱାନ ବାହିନୀ ୩୦ ଟି ଜିଲ୍ଲାରେ କାର୍ଯ୍ୟ କରୁଅଛି । ରାଜ୍ୟ ଶ୍ୱାନ ବାହିନୀରେ ନିମ୍ନ ପ୍ରକାରର ତାଲିମପ୍ରାପ୍ତ ଶ୍ୱାନ ଅଛନ୍ତି (କ) ଟ୍ରାକିଙ୍ଗ୍ ଶ୍ୱାନ, (ଖ) ବିସ୍ଫୋରକ ସାମଗ୍ରୀ ଅନୁସନ୍ଧାନକାରୀ ଶ୍ୱାନ, (ଗ) ମାଦକ ଦ୍ରବ୍ୟ ଅନୁସନ୍ଧାନକାରୀ ଶ୍ୱାନ ଓ (ଘ) ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନୁସନ୍ଧାନ ଓ ସାହାଯ୍ୟକାରୀ ଶ୍ୱାନ । ୨୦୨୩ ମସିହାରେ ଟ୍ରାକିଙ୍ଗ୍ ଶ୍ୱାନମାନେ ୧୪୬୧ ଗୋଟି ମାମଲାର ତଦନ୍ତରେ ସାହାଯ୍ୟ ପାଇଁ ନିୟୋଜିତ ହୋଇଥିଲେ, ତନ୍ମଧ୍ୟରୁ ୩୨୩ ଟି ମାମଲାରୁ ୬୧ଟି ମାମଲାରେ ଶ୍ୱାନମାନେ ପ୍ରଶଂସନୀୟ କାର୍ଯ୍ୟ କରିଅଛନ୍ତି ।

ଏତଦ୍‌ବ୍ୟତୀତ, ବିସ୍ଫୋରକ ଅନୁସନ୍ଧାନକାରୀ ଶ୍ୱାନମାନେ ୧୪୬୧ ଗୋଟି ଘଟଣା ଯଥା- ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କ ଗସ୍ତ, ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବଂ ନକ୍ସଲ ଦମନ ସମୟରେ ରାଜ୍ୟରେ ନିୟୋଜିତ ହୋଇଥିଲେ ତନ୍ମଧ୍ୟରୁ ୩ ଟି ଘଟଣାରେ ଶ୍ୱାନମାନେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେଏବଂ କେ-୯ ଅନୁସନ୍ଧାନକାରୀ ଦଳ ୭ ଟି ଜୀବନ୍ତ ବୋମା ଉଦ୍ଧାର କରିଛନ୍ତି ।

ମାଦକ ଦ୍ରବ୍ୟ ଅନୁସନ୍ଧାନକାରୀ ଶ୍ୱାନ-ରେସ୍ମୀ ମୋଟ ୮୬ ଗୋଟି ଘଟଣାରେ ନିୟୋଜିତ ହୋଇଥିଲେ, ସେଥି ମଧ୍ୟରୁ ରାଉରକେଲା ଜିଲ୍ଲାର ୨୬ ଗୋଟି ଘଟଣା ଅର୍ନ୍ତଭୁକ୍ତ । ଏହି ଶ୍ୱାନ ୩(ତିନି) ଗୋଟି ଘଟଣାରେ ରାଉରକେଲା ରେଳ ଷ୍ଟେସନରୁ ୬୩ କିଲୋ ୮୧୫ ଗ୍ରାମ୍ ଗଞ୍ଜେଇ ଉଦ୍ଧାର କରି ପ୍ରଶଂସନୀୟ କାର୍ଯ୍ୟ କରିଅଛନ୍ତି । ଏଥି ସହିତ

ମାଦକ ପଦାର୍ଥ ଖୋଜି ଶ୍ୱାନ-ରେଷ୍ଟ୍ରୀ ବିଶେଷ କାର୍ଯ୍ୟବଳ (ଏସ୍.ଟି.ଏଫ୍) ଅପରାଧ ଶାଖା, ଭୁବନେଶ୍ୱର ଠାରେ ୬୦ ଗୋଟି ଘଟଣାରେ ନିୟୋଜିତ ହୋଇ ଅନୁସନ୍ଧାନରେ ସହାୟତା କରିଅଛି ।

## ୧.୧୦ ବେତାର ବିଭାଗ:

ପୋଲିସ ପ୍ରଶାସନ ତଥ୍ୟ ପରିବେଷଣ ଆବଶ୍ୟକତା ଦୃଷ୍ଟିରୁ ୧୯୪୬ ମସିହାରେ ଆମ ରାଜ୍ୟର ୬ ଗୋଟି ଜିଲ୍ଲା ସଦର ମହକୁମାକୁ ନେଇ ଓଡିଶା ବେତାର ସଂସ୍ଥା ସ୍ଥାପନ କରାଯାଇଥିଲା ।

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ମାଓବାଦୀ କାର୍ଯ୍ୟକଳାପ ପ୍ରତିହତ କରିବାପାଇଁ ୨୦୨୩ ମସିହାରେ ୧୩୨ ଗୋଟି ସ୍ଥାୟୀ ହସ୍ତବାହୀ ଭି.ଏଚ୍.ଏଫ. ଯନ୍ତ୍ର ରାଜ୍ୟର ବିଭିନ୍ନ ପଦସ୍ଥ ପୁଲିସ ଅଫିସରମାନଙ୍କୁ ପ୍ରଦାନ କରାଯାଇଅଛି । ପୁଲିସ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ୧୪ ଗୋଟି ନୂତନ ଭି.ଏଚ୍.ଏଫ. କେନ୍ଦ୍ର ସ୍ଥାୟୀ ଭାବେ ସ୍ଥାପନ କରାଯିବା ସହିତ ରାଜ୍ୟର ବିଭିନ୍ନ ଥାନା ମାନଙ୍କରେ ଥିବା ଗାଡି ଏବଂ ପୁଲିସ୍ କଣ୍ଟ୍ରୋଲ ରୁମ୍ ଗାଡି ଗୁଡିକରେ ୪୪ ଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଯନ୍ତ୍ର ସ୍ଥାୟୀ ଭାବେ ଖଞ୍ଜା ଯାଇଅଛି । ପୋଲିସ ବେତାର ଯୋଗାଯୋଗ ବ୍ୟବସ୍ଥାର ଆଧୁନିକୀକରଣ ନିମନ୍ତେ ପୂର୍ବରୁ ସଂସ୍ଥାପିତ ଡିଜିଟାଲ ମୋବାଇଲ ରେଡିଓ ସହିତ ୦୪ ଟି ଜିଲ୍ଲାରେ ନୂତନ ଭାବେ ଡିଜିଟାଲ ମୋବାଇଲ ରେଡିଓ ସ୍ଥାପନ କରାଯାଇଛି ଏବଂ ୦୪ ଟି ରିପିଟର ସଂସ୍ଥାପନ କରାଯାଇଅଛି ।

ଏତଦ୍‌ବ୍ୟତୀତ, ପର୍ବ ପର୍ବାଣୀ, ବିଶିଷ୍ଟ/ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଗସ୍ତ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପର୍ଯ୍ୟାୟକ୍ରମେ ୩୬୦୮ ଗୋଟି ସ୍ଥିର ଭି.ଏଚ୍.ଏଫ୍., ୫୨୧୯ ଗୋଟି ଭ୍ରାମ୍ୟମାଣ ଭି.ଏଚ୍.ଏଫ୍. ଏବଂ ୧୨୫୩୦ ଗୋଟି ହସ୍ତବାହୀ ବେତାର ଯନ୍ତ୍ର ଅସ୍ଥାୟୀ ଭାବେ ନିୟୋଜିତ ହୋଇଥିଲା ।

ସମ୍ପ୍ରତି ରାଜ୍ୟର ୦୨ଟି ପାରାକେନ୍ଦ୍ର ଯଥା- କେନ୍ଦ୍ରୀୟ ଅଭିଜନନ କେନ୍ଦ୍ର, କଟକ ଓ ପୁଲିସ୍ ତାଲିମ କେନ୍ଦ୍ର, ଅନୁଗୁଳ ଠାରେ ୧୪୯ ଗୋଟି ପାରା ଅଛନ୍ତି । ଏହି ପାରାଗୁଡିକୁ ରାଜ୍ୟସ୍ତରୀୟ ଉତ୍ସବ ଓ ଆନୁଷ୍ଠାନିକ ପ୍ୟାରେଡରେ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରସାର ପାଇଁ ନିୟୋଜିତ କରାଯାଇଥାଏ । ଏହି ପାରାଗୁଡିକୁ ୩୦ ଟି ରାଜ୍ୟସ୍ତରୀୟ ଉତ୍ସବରେ ଉଡାଣ କରାଯାଇ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରେରଣ କରାଯାଇଅଛି ।

## ୧.୧୧ ପୁଲିସ୍ ମୋଟର ପରିବହନ:

ପୁଲିସ୍ ମୋଟର ପରିବହନ ସଦର କାର୍ଯ୍ୟାଳୟ କଟକ ଠାରେ ଅବସ୍ଥିତ । ଏତଦ୍‌ବ୍ୟତୀତ, ସମ୍ବଲପୁର, ବ୍ରହ୍ମପୁରଠାରେ ଦୁଇଟି ରେଞ୍ଜ୍ କର୍ମଶାଳା ଏବଂ ରାଉରକେଲା ଓ କୋରାପୁଟ ଠାରେ ଦୁଇଟି ଆଞ୍ଚଳିକ କର୍ମଶାଳା ଓ ଜିଲ୍ଲା ଓ ବାଟାଲିୟନ ସ୍ତରରେ ୧୦ ଗୋଟି କ୍ଷୁଦ୍ର କର୍ମଶାଳା ଅଛି ।

୨୦୨୩ ମସିହାରେ ପୁଲିସ୍ ମୋଟର ପରିବହନର ବିଭିନ୍ନ କର୍ମଶାଳା ମାନଙ୍କରେ ୫,୬୮୪ ଟି ବଡ

ଧରଣର ଓ ୧୨,୪୫୪ ଟି ଛୋଟ ଧରଣର ମରାମତି କାର୍ଯ୍ୟ କରାଯାଇଥିଲା ।

## ୧.୧୨ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ:

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠରେ ନିର୍ଯାତନା, ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଉପଜାତି ମାନଙ୍କଉପରେ ହେଉଥିବା ଅତ୍ୟାଚାର ସମ୍ପର୍କିତ ମୋକଦ୍ଦମା ଗୁଡିକର ତଦାରଖ ତଥା ଆବଶ୍ୟକ ସ୍ଥଳେ ଏଗୁଡିକର ତଦନ୍ତ ଦାୟିତ୍ୱ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟରେ ଘଟୁଥିବା ହାଜତ ମୃତ୍ୟୁ ମାମଲାର ତଦାରଖ ଓ ତଦନ୍ତ ଦାୟିତ୍ୱ ଗ୍ରହଣ କରାଯାଇଥାଏ । ଏହି ପ୍ରକୋଷ୍ଠ ଜାତୀୟ ମାନବାଧିକାର ଆୟୋଗ, ରାଜ୍ୟ ମାନବାଧିକାର ଆୟୋଗ, ଜାତୀୟ ମହିଳା କମିଶନ, ରାଜ୍ୟ ମହିଳା କମିଶନ ଓ ଜାତୀୟ ଅନୁସୂଚିତ ଜାତି/ଜନଜାତି ଆୟୋଗଙ୍କର ସମନ୍ୱୟ ରକ୍ଷାକାରୀ ବିଭାଗ (ନୋଡାଲ ଏଜେନ୍ସି) ରୂପେ କାର୍ଯ୍ୟକରେ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରତିଷ୍ଠାନରୁ ଉତ୍ତର ତଥା ଅନୁସନ୍ଧାନ ରିପୋର୍ଟ ସଂଗ୍ରହକରି ଉପରୋକ୍ତ ଆୟୋଗମାନଙ୍କୁ ପଠାଇଥାଏ । ଏହା ବ୍ୟତୀତ, ଏହି କାର୍ଯ୍ୟାଳୟରେ ଏକ ଅଭିଯୋଗ ପ୍ରକୋଷ୍ଠ ପରିଚାଳିତ ହେଉଅଛି, ଯେଉଁଠାରେ ଜନସାଧାରଣ ଜିଲ୍ଲା ପୁଲିସ୍‌ର ନିଷ୍କ୍ରିୟତା କିମ୍ବା ଅନ୍ୟ କୌଣସି କାରଣରୁ ଅଭିଯୋଗ କଲେ ଆବଶ୍ୟକ ସ୍ଥଳେ ସେମାନଙ୍କ ଅଭିଯୋଗ ଗୁଡିକର ଅନୁସନ୍ଧାନ ଏବଂ ତଦନ୍ତ କରାଯାଏ କିମ୍ବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାନଙ୍କୁ ସମୁଚିତ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇ ସେଗୁଡିକର ତଦାରଖ କରାଯାଏ । ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଗଠିତ ଜିଲ୍ଲାସ୍ତରୀୟ ମାନବାଧିକାର ସୁରକ୍ଷା ପ୍ରକୋଷ୍ଠର ପରିଚାଳନା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଉକ୍ତ କାର୍ଯ୍ୟାଳୟରୁ ପଠାଯାଇଥାଏ । ଏହି କେନ୍ଦ୍ର ଦ୍ୱାରା ପାରିବାରିକ ମନୋମାଳିନ୍ୟ ଓ ଦାମ୍ପତ୍ୟ କଳହ ଗୁଡିକର ଆପୋଷ ମିଳାମିଶା କରାଯାଇଥାଏ ।

ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କ ଉପରେ ୨୦୨୩ ମସିହାରେ ରୁଜୁ ହୋଇଥିବା ସର୍ବମୋଟ ୩୩୫୮ ଟି ମାମଲା ମଧ୍ୟରୁ ୨୨୧୯ ଟି ମାମଲା ସମାଧାନ ହୋଇସାରିଛି ଏବଂ ଅବଶିଷ୍ଟ ୧୧୩୯ ଟି ମାମଲା ତଦନ୍ତାଧୀନ ଅଛି ।

୨୦୨୩ ମସିହାରେ ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀଙ୍କ ଠାରୁ ୧୯୬ ଟି ଅଭିଯୋଗ ଏହି ପ୍ରତିଷ୍ଠାନକୁ ଅନୁସନ୍ଧାନ ପାଇଁ ଆସିଥିଲା ଏବଂ ଏହି ସମସ୍ତ ଅଭିଯୋଗର ଅନୁସନ୍ଧାନ ରିପୋର୍ଟ ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀଙ୍କ ନିକଟକୁ ପଠାଯାଇଅଛି ।

୨୦୨୩ ମସିହାରେ ୨୭୬ ଟି ଅଭିଯୋଗ ରାଜ୍ୟ ମାନବାଧିକାର ଆୟୋଗ, ଭୁବନେଶ୍ୱରଙ୍କ ଠାରୁ ପ୍ରାପ୍ତ ହୋଇଥିଲା ଏବଂ ଏହି ସମସ୍ତ ଅଭିଯୋଗର ଅନୁସନ୍ଧାନ ରିପୋର୍ଟ ରାଜ୍ୟ ମାନବାଧିକାର ଆୟୋଗ, ଭୁବନେଶ୍ୱରଙ୍କ ନିକଟକୁ ପଠାଯାଇଅଛି ।

୨୦୨୩ ମସିହାରେ ମୋଟ ୦୭ ଗୋଟି ମୋକଦ୍ଦମା ମଧ୍ୟରୁ ୦୧ ଗୋଟି ମାମଲାର ତଦନ୍ତ ସମାପ୍ତ

ହୋଇଥିଲାବେଳେ ୦୬ ଗୋଟି ମାମଲା ତଦନ୍ତାଧୀନ ରହିଅଛି ।

୨୦୨୩ ମସିହାରେ ମୋଟ ୩୮୧ ଟି ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିଙ୍କ ଉପରେ ହୋଇଥିବା ଅତ୍ୟାଚାର ମଧ୍ୟରୁ ୧୯୮ଟି ଅଭିଯୋଗ ସମାଧାନ ହୋଇଥିବାସ୍ଥଳେ ଅବଶିଷ୍ଟ ୧୮୩ ଟି ଅଭିଯୋଗ ବିଭିନ୍ନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଅଛି ।

## ୧.୧୩ କର୍ମଚାରୀଙ୍କ ପଦୋନ୍ନତୀ ସମ୍ବନ୍ଧୀୟ ତଥ୍ୟ:

୨୦୨୩ ମସିହାରେ ସରକାରଙ୍କ ପଦୋନ୍ନତି ନିୟମକୁ ଦୃଷ୍ଟିରେ ରଖି ପୋଲିସ୍ ବିଭାଗର ସମସ୍ତ ପଦପଦବୀର ପଦୋନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନିମ୍ନଲିଖିତ ପଦୋନ୍ନତି ଦିଆଯାଇଅଛି ।

(୧) ୦୧ ଜଣ ଆର୍ମର ହାବିଲ୍ଦାର ମେଜରଙ୍କୁ ଆର୍ମର ସବ୍ ସବ-ଇନ୍ସପେକ୍ଟର ଭାବେ ପଦୋନ୍ନତି ଦିଆଯାଇଅଛି ।

(୨) ୮୦ ଜଣ ହାବିଲଦାରଙ୍କୁ ହାବିଲଦାର ମେଜର ଭାବେ ପଦୋନ୍ନତି ଦିଆଯାଇଅଛି ।

(୩) ୦୧ ଜଣ ସର୍ଜେଣ୍ଟଙ୍କୁ ଆର.ଆଇ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୪) ୧୩୮ ଜଣ ଏ.ଏସ୍.ଆଇ. ମାନଙ୍କୁ ଏସ୍.ଆଇ. ଭାବେ ପଦୋନ୍ନତି ଦିଆଯାଇଅଛି ।

(୫) ୩୫ ଜଣ ଏ.ଏସ୍.ଆଇ.(କମ୍ୟୁନିକେସନ) ମାନଙ୍କୁ ଏସ୍.ଆଇ. (କମ୍ୟୁନିକେସନ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୬) ୦୪ ଜଣ ଏ.ଏସ୍.ଆଇ. (ପିଏମ୍ଟି) ଙ୍କୁ ଏସ୍.ଆଇ. (ପିଏମ୍ଟି) ଭାବେ ପଦୋନ୍ନତି ଦିଆଯାଇଅଛି ।

(୭) ୧୧୧ଜଣ ଇନ୍ସପେକ୍ଟର (ଆର୍ମଡ) ମାନଙ୍କୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ପଦୋନ୍ନତି ଦିଆଯାଇଅଛି ।

(୮) ୧୪୧ ଜଣ ଏସ୍.ଆଇ. (ଆର୍ମଡ) ମାନଙ୍କୁ ଇନ୍ସପେକ୍ଟର (ଆର୍ମଡ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୯) ୧୬୨ଜଣଏ.ଏସ୍.ଆଇ.(ଆର୍ମଡ)ମାନଙ୍କୁ ଏସ୍.ଆଇ. (ଆର୍ମଡ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୦) ୦୧ ଜଣ ହେଲପର କନେଷ୍ଟବଲଙ୍କୁ ଏ.ଏସ୍.ଆଇ.(ପିଏମ୍ଟି) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୧) ୪୯ ଜଣ ଡ୍ରାଇଭର ମାନଙ୍କୁ ଡ୍ରାଇଭର ହାବିଲ୍ଦାର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୨) ୦୩ ଜଣ ଆସିଷ୍ଟାଣ୍ଟ ଆର୍ମରଙ୍କୁ ଆର୍ମର ହାବିଲ୍ଦାର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୩) ୭୬ ଜଣ ଏସ୍.ଆଇ.ମାନଙ୍କୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୪) ୦୩ ଜଣ ଆର୍ମର ହାବିଲ୍ଦାରଙ୍କୁ ଆର୍ମର ହାବିଲ୍ଦାର ମେଜର ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୫) ୨୯୯ କନେଷ୍ଟବଳ/ ଲ୍ୟାନସ୍ ନାୟକ/ ହାବିଲଦାର/ ସି.ଆଇ. ହାବିଲଦାର/ ଡ୍ରାଇଭର ହାବିଲଦାର ମାନଙ୍କୁ ଓ.ଏ.ଏସ୍.ଆଇ ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୬) ୫୨ ଜଣ କନେଷ୍ଟବଳ (କମ୍ୟୁନିକେସନ) ମାନଙ୍କୁ ଏ.ଏସ୍.ଆଇ. (କମ୍ୟୁନିକେସନ) ଭାବେ ପଦୋନ୍ନତି ଦିଆଯାଇଅଛି

(୧୭) ୦୧ ଜଣ ବ୍ୟାଣ୍ଡ ହାବିଲଦାରଙ୍କୁ ବ୍ୟାଣ୍ଡ ହାବିଲଦାର ମେଜର (ବ୍ରାସ/ଷ୍ଟ୍ରିଙ୍ଗ ବ୍ୟାଣ୍ଡ) ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୮) ୩୧ ଜଣ ଡି.ଜି.ପି.ଓ. କ୍ୟାଡରର ସହାୟକ ଉପବିଭାଗ ଅଧିକାରୀ ମାନଙ୍କୁ ଉପବିଭାଗ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୧୯) ୦୩ ଜଣ ଡି.ଜି.ପି.ଓ. କ୍ୟାଡରର କନିଷ୍ଠ ସହାୟକ ମାନଙ୍କୁ ସହାୟକ ଉପବିଭାଗ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୦) ୦୩ ଜଣ ଡି.ପି.ଓ. କ୍ୟାଡରର ମୁଖ୍ୟ କିରାଣୀ ଙ୍କୁ କାର୍ଯ୍ୟାଳୟ ଅଧୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୧) ୦୬ ଜଣ ଡି.ପି.ଓ. କ୍ୟାଡରର ବରିଷ୍ଠ କିରାଣୀ ମାନଙ୍କୁ ମୁଖ୍ୟ କିରାଣୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୨) ୧୮ ଜଣ ଡି.ପି.ଓ. କ୍ୟାଡରର କନିଷ୍ଠ କିରାଣୀ ମାନଙ୍କୁ ବରିଷ୍ଠ କିରାଣୀ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୩) ୦୧ ଜଣ ଅଧୀକ୍ଷକ ସ୍ତର-୨ ଙ୍କୁ ଅଧୀକ୍ଷକ ସ୍ତର -୧ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୪) ୦୧ ଜଣ ସିନିୟର ଟାଇପିଷ୍ଟଙ୍କୁ ଅଧୀକ୍ଷକ ସ୍ତର -୨ ଭାବେ ପଦୋନ୍ନତି ଦିଆଯାଇଅଛି ।

(୨୫) ୦୧ ଜଣ ଜୁନିୟର ଡେସ୍ପାଚରଙ୍କୁ ସିନିୟର ଡେସ୍ପାଚର ଭାବେ ପଦୋନ୍ନତି ଦିଆଯାଇଅଛି ।

# ଦ୍ୱିତୀୟ ଅଧ୍ୟାୟ

## ତାଲିମ ଓ ମାନବ ସମ୍ବଳ

### ୨.୧) ପୋଲିସ କର୍ମଚାରୀଙ୍କ ପ୍ରଶିକ୍ଷଣ

ରାଜ୍ୟରେ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ ନିମନ୍ତେ ନିମ୍ନଲିଖିତ ତାଲିମ ଅନୁଷ୍ଠାନମାନ କାର୍ଯ୍ୟ କରୁଅଛି:-

କ) ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ଭୁବନେଶ୍ୱର ।

ଖ) ପୁଲିସ୍ ଟ୍ରେନିଂ କଲେଜ, ଅନୁଗୁଳ ।

ଗ) ପୁଲିସ୍ ଟ୍ରେନିଂ ସ୍କୁଲ, ନୟାଗଡ ।

ଘ) ସହରାଞ୍ଚଳ ପୁଲିସ୍ ଓ ଯାତାୟତ ତାଲିମ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱର ।

ଙ) ଓଡିଶା ସଶସ୍ତ୍ର ପୁଲିସ୍ ବାହିନୀ ଟ୍ରେନିଂ ସେଣ୍ଟର, ଝାରସୁଗୁଡା ।

ଚ) ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ତାଲିମ କେନ୍ଦ୍ର, ଚନ୍ଦକା, ଭୁବନେଶ୍ୱର ।

ଛ) ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ ତାଲିମ କେନ୍ଦ୍ର, କୋରାପୁଟ ।

ଜ) ପୁଲିସ୍ ତାଲିମ କେନ୍ଦ୍ର, ବୈରୀ ।

ଝ) ମୌଳିକ ତାଲିମ କେନ୍ଦ୍ର, ବୁର୍ଲା ।

### ୨.୨) କାରାଗାର କର୍ମଚାରୀଙ୍କ ପ୍ରଶିକ୍ଷଣ

- ରାଜ୍ୟର ବିଭିନ୍ନ କାରାଗାରରୁ କାରାରକ୍ଷୀ ଏବଂ ପର୍ଯବେକ୍ଷଣୀୟ କର୍ମଚାରୀ ମାନେ ମହାତ୍ମା ଗାନ୍ଧୀ ଏକାଡେମୀ ଅଫ କାରାଗାର ଓ ସଂସ୍କାର ସଂସ୍ଥା , ଭୁବନେଶ୍ୱର ଠାରେ ମୌଳିକ ତାଲିମ ଗ୍ରହଣ କରିଛନ୍ତି ।
- ୨୦୨୨ ମସିହାରେ ୪୩ ଜଣ କାରାଅଧିକାରୀ ଗୁଜୁରାଟ ର ଅହମଦାବାଦ ଠାରେ ତା ୦୪.୦୯.୨୦୨୨ ରିଖ ରୁ ତା ୦୬.୦୯.୨୦୨୨ ରିଖ ପର୍ଯ୍ୟନ୍ତ ହୋଇଥିବା ଅଲ ଇଣ୍ଡିଆ ପ୍ରିଜନସ ଡ୍ୟୁଟି ମିଟରେ ଯୋଗଦାନ କରି ସମୁଦାୟ ୦୭ ଟି ପଦକ ହାସଲ କରିଛନ୍ତି ।

## ୨.୩) ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର

ରାଜ୍ୟ ସଚିବାଳୟର ବିଭିନ୍ନ ବିଭାଗ ମାନଙ୍କରେ ନିୟୋଜିତ ପୂର୍ବତନ କନିଷ୍ଠ ସହାୟକ ମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ ୧୯୬୦ ମସିହାରେ ସ୍ଥାପିତ ହୋଇଥିଲା । ସାଧାରଣ ପ୍ରଶାସନ ତଥା ସଚିବାଳୟର ପ୍ରଶାସନରେ ସୂଚନା ପ୍ରଯୁକ୍ତି ଓ ତତ୍ ସଂକ୍ରାନ୍ତୀୟ ସେବା ପ୍ରୟୋଗର ପ୍ରଚଳନ ହେବାପରେ ସରକାରୀ କାର୍ଯ୍ୟକ୍ରମରେ ବହୁ ଢାଞ୍ଚାଗତ ପରିବର୍ତ୍ତନ ହେବାରୁ ସଚିବାଳୟ ସେବା କ୍ୟାଡ଼ର ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ମାନ ବୃଦ୍ଧି କରିବା ଆବଶ୍ୟକ ହେଲା ।

ତଦନୁଯାୟୀ ସଚିବାଳୟ ସେବା କ୍ୟାଡ଼ର ଅଧିକାରୀ ମାନଙ୍କ ପ୍ରଶିକ୍ଷଣ ସକାଶେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଂକଳ୍ପ ସଂଖ୍ୟା ୨୧୬୪୭, ତା ୩୦.୦୫.୨୦୧୯ ରିଖ ରେ ଏକ ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ପ୍ରଣୟନ କରିଅଛନ୍ତି । ଏହି ନୂତନ ସଂଶୋଧିତ ପ୍ରଶିକ୍ଷଣ ଯୋଜନା ଅନୁଯାୟୀ ଓଡିଶା ସଚିବାଳୟ ପ୍ରଶିକ୍ଷଣ ଅନୁଷ୍ଠାନ ଅଧୂନା ନିମ୍ନ ତିନି ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରୁଛନ୍ତି ଯଥା (କ) ନୂତନ ଭାବେ ନିଯୁକ୍ତି ପାଉଥିବା ଓ ଇଣ୍ଡକ୍ସନ ମାଧ୍ୟମରେ ବଛାଯାଉଥିବା ସହକାରୀ ଉପବିଭାଗ ଅଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଇଣ୍ଡକ୍ସନ ପ୍ରଶିକ୍ଷଣ, (ଖ) ସହକାରୀ ଉପବିଭାଗ ଅଧିକାରୀ/ ଉପବିଭାଗ ଅଧିକାରୀ/ ଡେସ୍କ ଅଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ରିଫ୍ରେଶର ପ୍ରଶିକ୍ଷଣ ଓ (ଗ) ଓରିଏଣ୍ଟସେନ ପ୍ରଶିକ୍ଷଣ ।

ତା ୦୪.୦୨.୨୦୧୭ ରିଖରେ ପୁନଃଗଠନ ହେବା ପରଠାରୁ ୧୮ ଗୋଟି ର୍ପଯ୍ୟାୟରେ ୧୨୬୨ ଜଣ ସହକାରୀ ଉପବିଭାଗ ଅଧିକାରୀ ମାନଙ୍କୁ ଇଣ୍ଡକ୍ସନ ପ୍ରଶିକ୍ଷଣ, ୦୬ ଗୋଟି ର୍ପଯ୍ୟାୟରେ ୧୦୨ ଜଣ ଡେସ୍କ ଅଧିକାରୀ ମାନଙ୍କୁ ରିଫ୍ରେଶର ପ୍ରଶିକ୍ଷଣ, ନୂତନ ଭାବେ ନିଯୁକ୍ତି ପାଇଥିବା ୬୨ ଜଣ ସହ ନିର୍ଦ୍ଦେଶକ (ଆଇନ) ମାନଙ୍କୁ ଗୋଟିଏ ର୍ପଯ୍ୟାୟରେ ଏବଂ ୧୫୯ ଜଣ କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ୦୫ ଗୋଟି ର୍ପଯାୟରେ ଇଣ୍ଡକ୍ସନ ପ୍ରଶିକ୍ଷଣ ଦିଆଯାଇଅଛି ।

## ୨.୪ ) ଓଡିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର

ଓଡ଼ିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଶିକ୍ଷାନୁଷ୍ଠାନ, ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଅଧିନରେ ୧୯୬୩ ମସିହାଠାରୁ ଅବିରତ ଭାବରେ କାର୍ଯ୍ୟ କରି ଆସୁଅଛି । ଏହି ଅନୁଷ୍ଠାନରେ ବିଭିନ୍ନ ସରକାରୀ ଦପ୍ତର, ସରକାରୀ ଉଦ୍ୟୋଗ ଗୁଡ଼ିକରେ କାର୍ଯ୍ୟରତ କ୍ଷିପ୍ରଲେଖକ ମାନଙ୍କୁ ଇଂରାଜୀ/ଓଡ଼ିଆରେ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରାଯାଏ । ଓଡ଼ିଶା ସଚିବାଳୟର ବିଭିନ ବିଭାଗରେ କାର୍ଯ୍ୟରତ ବ୍ୟକ୍ତିଗତ ସଚିବ, ବ୍ୟକ୍ତିଗତ ସହାୟକ, କ୍ଷିପ୍ରଲେଖକ, କିରାଣୀ ଓ ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ମଧ୍ୟ ଏହି ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ ପ୍ରଦାନ କରାଯାଏ ।

ଏତଦ୍ ବ୍ୟତୀତ ରାଜ୍ୟ ସରକାରଙ୍କ ଅଧିନରେ ଥିବା ବିଭିନ୍ନ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଜିଲ୍ଲା କାର୍ଯ୍ୟାଳୟ ଏବଂ ସେମାନଙ୍କ ଅଧୀନରେ ଥିବା ବିଭିନ୍ନ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟରତ କ୍ଷିପ୍ରଲେଖକ / ମୁଦ୍ରଲେଖକ /କିରାଣୀ / ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ଅନୁଷ୍ଠାନରେ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପ୍ୟୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱୟାର ମାଧ୍ୟମରେ ପ୍ରଦାନ କରାଯାଏ ।

୨୦୨୩-୨୪ ଓଡିଶା ସରକାରଙ୍କ ବିଭିନ୍ନ ଦପ୍ତରରୁ ପ୍ରେରୀତ ୭୪ ଜଣ ମୁଦ୍ରଲେଖକ /କିରାଣୀ /ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ୩ ମାସ ତାଲିମ ସହିତ ୦୮ ଜଣ କ୍ଷିପ୍ରଲେଖକଙ୍କର ୦୬ ମାସ ଓଡ଼ିଆ କ୍ଷିପ୍ରଲିପି ଓ ମୁଦ୍ରଲିପି ପ୍ରଶିକ୍ଷଣ କମ୍ପୁଟରରେ ଓଡ଼ିଆ ଲିପ୍ ଅଫିସ୍ ସଫ୍ଟୱୟାର ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଅଛି । ସେହିପରି ୨୧.୦୨.୨୦୨୪ ଠାରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ବିଭିନ୍ନ ଦପ୍ତରରୁ ପ୍ରେରୀତ ୩୭ ଜଣ ମୁଦ୍ର ଲେଖକ ଓ ୦୩ ଜଣ କ୍ଷିପ୍ର ଲେଖକଙ୍କୁ ପ୍ରଶିକ୍ଷଣ ଦିଆଯାଉଅଛି ।

ଏଥିସହିତ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥିବା ବିଭିନ୍ନ ବିଭାଗରୁ ଚୟନ ହୋଇଥିବା ୨୧ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କର ପଦୋନ୍ନତି ନିମନ୍ତେ ଇଣ୍ଡକ୍ସନ ପରୀକ୍ଷା ୧୭, ନଭେମ୍ବର ୨୦୨୩ ରେ ଇଂରାଜୀ ମୁଦ୍ରଲିପି ମାଧ୍ୟମରେ କରାଯାଇଅଛି ଏବଂ ତାହାର ମୂଲ୍ୟାୟନ ମଧ୍ୟ କରାଯାଇଅଛି ।

ଏତଦ୍ ବ୍ୟତୀତ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ କ୍ଷିପ୍ରଲେଖକ, କିରାଣୀ ଓ ମୁଦ୍ରଲେଖକ ପଦବୀରେ ନିଯୁକ୍ତି କିମ୍ବା ପଦୋନ୍ନତି ପ୍ରକ୍ରିୟାରେ ଉକ୍ତ ଶିକ୍ଷାନୁଷ୍ଠାନ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇ ଆସୁଅଛି ।

# ତୃତୀୟ ଅଧ୍ୟାୟ

## କାରାଗାର ସଂଗଠନ

### ୩.୧) କାରାଗାର ସୁରକ୍ଷା :

- ଜେଲଗୁଡିକର ସୁରକ୍ଷାକୁ ମଜବୁତ କରିବା ପାଇଁ ବିଭିନ୍ନ ଜେଲରେ Y- ଏଙ୍ଗେଲ କନ୍ସର୍ଟିନା ତାର ସହିତ ପରିଧି କାନ୍ଥର ଉଚ୍ଚତା ବୃଦ୍ଧି କରାଯାଇଅଛି । ଏହା ବ୍ୟତୀତ ବିଭିନ୍ନ ଜେଲରେ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ଗ୍ୟାଜେଟସ ଏବଂ ଉପକରଣ କ୍ରୟ କରାଯାଇ ସଂସ୍ଥାପିତ କରାଯାଇଛି ।

### ୩.୨) କାରାଗାର କର୍ମଚାରୀଙ୍କ ପଦୋନ୍ନତି :

- ୦୧ ଜଣ  କାରପାଳଙ୍କୁ ଅଧୀକ୍ଷକ ପଦବୀକୁ ପଦୋନ୍ନତି ଦିଆ ଯାଇଅଛି ।
- ୨୫ ଜଣ କାରାରକ୍ଷୀଙ୍କୁ ଉପ-ସହାୟକ କାରପାଳ ପଦବୀକୁ ପଦୋନ୍ନତି ଦିଆ ଯାଇଅଛି ।

### ୩.୩ ) ମୂଳ ପଦବୀ ପୂରଣ :

- ପାଞ୍ଚଟି ସର୍କଲ ଜେଲରେ ୦୫ ଜଣ ଆଇନ ପରାମର୍ଶଦାତାଙ୍କ ଯୋଗଦାନ ନିମନ୍ତେ  ଓଡ଼ିଶା ଗୃହ ବିଭାଗ ଚିଠି ନମ୍ବର ୪୦୧୬୩  ତା ୦୯.୧୦.୨୦୨୩ ରିଖ ଦ୍ୱାରା ଅନୁମୋଦିତ ହୋଇଛି ।
- ବିଭିନ୍ନ ଜେଲରେ ଜୁନିଅର କ୍ଲର୍କ-କମ-ଟାଇପିଷ୍ଟ (୧୪ ନଂ) ଏବଂ ଜୁନିଅର ଆକାଉଣ୍ଟାଣ୍ଟ (୧୬ ନମ୍ବର) ର ଅତିରିକ୍ତ ପଦବୀ ସୃଷ୍ଟି ନିମନ୍ତେ ଓଡ଼ିଶା ଗୃହ ବିଭାଗ ଚିଠି ନମ୍ବର ୩୬୮୧ ତା ୧୧.୦୯.୨୦୨୩ ରିଖ  ଦ୍ୱାରା ଅନୁମୋଦିତ ହୋଇଛି ।
- କାରାଗାର  ନିର୍ଦ୍ଦେଶାଳୟ ରେ ନୂତନ ଢାଞ୍ଚା ର ପ୍ରୟୋଗ, ଅତିରିକ୍ତ ୩୦୬ ଗୋଟି ପଦବୀ ସୃଷ୍ଟି ନିମନ୍ତେ ସରକାରଙ୍କର ପତ୍ର ସଂଖ୍ୟା ୩୨୪୪୮ ତା ୦୭.୦୮.୨୦୨୩ ରିଖରେ ଅନୁମୋଦିତ ହୋଇଛି ।

### ୩.୪) କାରାଗାର ମାନଙ୍କରେ ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥା

- ରାଜ୍ୟ ର କାରାଗାର ଡ଼ାକ୍ତରଖାନା ଗୁଡିକରେ ଆଉଟସୋର୍ସିଂ ମାଧ୍ୟମରେ ୨୧ ଜଣ  ପୁରୁଷ ଓ ୨୦ ଜଣ ମହିଳା ସେବକ ଓ ସେବିକା ପଦବୀ ପୂରଣ ନିମେନ୍ତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି ।
- ଚୁକ୍ତି ଭିତିକ ଡାକ୍ତର ପଦବୀ ପାଇଁ ମାସିକ ପାରିଶ୍ରମିକ ଟ ୨୫,୦୦୦ /- ଙ୍କା ରୁ ଟ ୫୫,୦୦୦ ଙ୍କା କୁ ସରକାର ବୃଦ୍ଧି କରିଛନ୍ତି ।

- ରାଜ୍ୟର ବିଭିନ୍ନ କାରାଗାରରେ ଚୁକ୍ତି ଭିତିକ ୧୪ ଗୋଟି ଚପରାଶି ପଦବୀ ପୁରଣ ନିମନ୍ତେ ସରକାରଙ୍କ ତରଫରୁ ଅନୁମୋଦିତ ହୋଇଛି ।
- ରାଜ୍ୟର ୪୦ ଟି କାରାଗାରରେ ଆଉଟଷୋର୍ସିଂ ମାଧ୍ୟମରେ ସଫେଇ କାର୍ଯ୍ୟ ନିମେନ୍ତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି ।
- ରାଜ୍ୟର ବିଭିନ୍ନ ୨୦ ଗୋଟି ବଡ କାରାଗାରରେ ଆମ୍ବୁଲାନ୍ସ ସେବା ପାଇଁ ୨୦ ଗୋଟି ଆମ୍ବୁଲାନ୍ସ ସହିତ ଗାଡି ଚାଳକ ରଖିବା ପାଇଁ ସରକାରଙ୍କ ତରଫରୁ ଅନୁମୋଦିତ ହୋଇଅଛି ଏବଂ ୧୦ ଗୋଟି ଆମ୍ବୁଲାନ୍ସ ସହିତ ଗାଡି ଚାଳକ ଛୋଟ ୧୦ ଗୋଟି ଜେଲ ପାଇଁ ମଧ୍ୟ ଅନୁମୋଦିତ ହୋଇଅଛି । ରାଜ୍ୟର ବିଭିନ୍ନ କାରାଗାରରରେ ଆଉଟସୋର୍ସିଙ୍ଗ ମାଧ୍ୟମରେ ୧୬ ଜଣ ଗାଡି ଚାଳକ ପଦବୀ ପୂରଣ ନିମେନ୍ତ ସରକାରଙ୍କ ତରଫରୁ ଅନୁମୋଦିତ ହୋଇଛି ।
- ବିଭିନ୍ନ କାରାଗାରଗୁଡ଼ିକରେ ନିୟୋଜିତ କରାଯାଇଥିବା ୩୫ ଜଣ ମେଣ୍ଟାଲ ହେଲଥ ପ୍ରଫେସନାଲଙ୍କ ମାସିକ ପାରିଶ୍ରମିକ @ ଟ ୫୦,୦୦୦ /- ଙ୍କା ପ୍ରଦାନ ନିମନ୍ତେ ମନୋନୟନ କମିଟି ମାଧ୍ୟମରେ Modernization of Prisons Project ଦ୍ୱାରା ସ୍ଥିରୀକୃତ ହୋଇଅଛି ।

## ୩.୫) କାରାଗାର ଶିଳ୍ପ :

- ସେପ୍ଟେମ୍ବର ୨୦୨୩ ସୁଦ୍ଧା କାରାଗାର ବଗିଚାରୁ ୪୫.୧୧ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି ।
- ଅନ୍ତେବାସୀ ମାନଙ୍କର ପ୍ରୋତ୍ସାହନ ଭତ୍ତା ଅଣ କୁଶଳୀ, ଅର୍ଧ କୁଶଳୀ ଓ କୁଶଳୀ ଭିତ୍ତିରେ ଯଥାକ୍ରମେ ଟ. ୫୦ /-, ଟ. ୬୦ /-, ଟ ୭୦ /- ରୁ ଟ. ୯୫ /-, ଟ ୧୧୫ /- ଓ ଟ. ୧୪୫ /- କୁ ବୃଦ୍ଧି କରାଯାଇଛି ।
- ବିଭିନ୍ନ ଜେଲରେ ବିଭିନ୍ନ ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ କାର୍ଯ୍ୟ କରାଯାଇଛି ।
- ପୁରୁଷ ଅନ୍ତେବାସୀଙ୍କ ପାଇଁ ଆସିଷ୍ଟାଣ୍ଟ ହେୟାର ଷ୍ଟାଇଲିଷ୍ଟ ଉପରେ ଦକ୍ଷତା ବିକାଶ ତାଲିମ ଏବଂ ସର୍କଲ ଜେଲ କଟକ ଏବଂ ସ୍ୱତନ୍ତ୍ର ଜେଲ, ଭୁବନେଶ୍ୱରର ମହିଳା ଅନ୍ତେବାସୀଙ୍କ ପାଇଁ ଆସିଷ୍ଟାଣ୍ଟ ବିୟୁଟି ଥେରପିଷ୍ଟ ଏକ ପ୍ରତିଷ୍ଠିତ ଏନଜିଓ "ଇଣ୍ଡଲଜ , ଦି ସାଲୁନ" ମାଧ୍ୟମରେ ପରିଚାଳିତ ହେଉଛି ।
- ମେଡିକାଲ କେୟାର ପାଇଁ ବେଡ୍ ସାଇଡ୍ ଆଟେଣ୍ଡାଣ୍ଟ ଉପରେ ସ୍କିଲ୍ ଡେଭଲପମେଣ୍ଟ୍ ଟ୍ରେନିଂ, ଅରେଞ୍ଜ କ୍ରସ୍ ହୋମ୍ ହେଲଥ ପ୍ରାଇଭେଟ ଲିମିଟେଡ ମାଧ୍ୟମରେ କଟକ ସ୍ୱତନ୍ତ୍ର ଜେଲ, ଭୁବନେଶ୍ୱର ଏବଂ ସର୍କଲ ଜେଲର ଅନ୍ତେବାସୀଙ୍କୁ ପ୍ରଦାନ କରାଯାଉଛି। ଅନ୍ୟାନ୍ୟ ଜେଲର ଅନ୍ତେବାସୀଙ୍କୁ ଏହିପରି ଦକ୍ଷତା ବିକାଶ ତାଲିମ ବିସ୍ତାର ପାଇଁ ପଦକ୍ଷେପ ନିଆଯାଉଛି ।

- ଭୁବନେଶ୍ୱରର ସ୍ପେଶାଲ ଜେଲରେ ଗୋଟିଏ ବାୟୋ-ଫ୍ଲକ୍ ୟୁନିଟ୍ ଆରମ୍ଭ କରାଯାଇଛି। ଲାଇବ୍ରେରୀ ଏବଂ ଜେଲ୍ ରେଡିଓ ଆରମ୍ଭ ହୋଇଛି । ସ୍ପେଶାଲ ଜେଲରେ ଥିବା ଅନ୍ତେବାସୀମାନଙ୍କ ପାଇଁ ଓପନ୍ ଏୟାର ଥିଏଟର, ଭୁବନେଶ୍ୱରକୁ କାର୍ଯ୍ୟକ୍ଷମ କରାଯାଇଛି । ବିଶିଷ୍ଟ ଉସ୍ତ ବ୍ୟକ୍ତିଙ୍କ ମାଧ୍ୟମରେ ଅନ୍ତେବାସୀଙ୍କୁ ୱାଲ୍ ଆର୍ଟ / ଚିତ୍ରାଙ୍କନ / ସଙ୍ଗୀତ / ଡ୍ରାମା ଇତ୍ୟାଦି ଉପରେ ତାଲିମ ଦେବା ପାଇଁ ଭୁବନେଶ୍ୱରର ସ୍ୱତନ୍ତ୍ର ଜେଲ ରେ ଗୋଟିଏ ମନୋରଞ୍ଜନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

## ୩.୬ କଲ୍ୟାଣ କାର୍ଯକ୍ରମ :

### (କ) କଲ୍ୟାଣ ସେବାର ପ୍ରଗତିଶୀଳ ସଫଳତା:

- ଅନ୍ତେବାସୀଙ୍କୁ ଶାରୀରିକ, ଭାବପ୍ରବଣ ଏବଂ ମାନସିକ ସ୍ତରରେ ଫିଟ୍ ରଖିବା ପାଇଁ ଯୋଗ ଏବଂ ଧ୍ୟାନ ପରି ମନୋରଞ୍ଜନ ସୁବିଧା ଯୋଗାଇ ଦିଆଯାଉଛି ।
- ଜିଲ୍ଲା ଆଇନ ସେବା ପ୍ରାଧିକରଣ (DLSA) ଦ୍ୱାରା ଆଇନ ସଚେତନତା ଶିବିର ମଧ୍ୟ ଆୟୋଜିତ ହୋଇଛି ।
- ଆଗ୍ରହୀ ଅଶିକ୍ଷିତ ଅନ୍ତେବାସୀଙ୍କୁ ସ୍ୱାକ୍ଷର କରିବା ପାଇଁ ବିଭିନ୍ନ ଜେଲରେ ମୋଟ ସ୍ୱାକ୍ଷରତା ଅଭିଯାନ ଆରମ୍ଭ କରାଯାଇଛି ।
- 2022 ମସିହାରେ 233 ଜଣ ବନ୍ଦୀ ବିଭିନ୍ନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ।

| କ୍ରମିକ ସଂଖ୍ୟା | ବର୍ଷ | IGNOU | NIOS | OSOU | ମୋଟ |
|---|---|---|---|---|---|
| ୦୧ | ୨୦୨୨ | ୧୧୯ | ୧୦୩ | ୧୧ | ୨୩୩ |

- ଜେଲ୍ ସଂଗଠନର ଉତ୍ତମ ପରିଚାଳନା ପାଇଁ ୨୦୨୨-୨୩ ବର୍ଷ ମଧ୍ୟରେ ଜେଲ୍ ବିକାଶ ବୋର୍ଡ ଗଠନ କରାଯାଇଛି ।
- ଅନ୍ତେବାସୀଙ୍କ ଜୀବନ ଯାପନ ଶୈଳୀ ଯାଞ୍ଚ କରିବାକୁ, ରାଜ୍ୟର ସମସ୍ତ ଜେଲରେ ସରକାରୀ / ଅଣ-ସରକାରୀ ପରିଦର୍ଶକ ନିଯୁକ୍ତ ହୋଇଛନ୍ତି ।
- ଓଡିଶା ମଡେଲ ଜେଲ ମାନୁଆଲ ନିୟମ ନମ୍ବର ୮୦୨ ଅନୁଯାୟୀ, ପ୍ରତ୍ୟେକ ଜେଲରେ ବନ୍ଦୀ ପଞ୍ଚାୟତ ପରିଷଦ ଗଠନ କରାଯାଇଛି ଏବଂ ସେମାନେ ଖାଦ୍ୟର ଗୁଣବତ୍ତା ଏବଂ ପରିମାଣ, ଜେଲ ପରିସରରେ ପରିମଳ ଏବଂ ସ୍ୱଚ୍ଛତା ରକ୍ଷଣାବେକ୍ଷଣ ଏବଂ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଦୃଷ୍ଟି ଦିଅନ୍ତି ।
- କାରାଗାର ରେ ଥିବା ବନ୍ଦୀ ଯଥା ବିଚାରାଧୀନ ବନ୍ଦୀ , ଦୋଷୀ ସାବ୍ୟସ୍ତ ବନ୍ଦୀ , Transgender , ମହିଳା ଏବଂ ପିଲା ମାନଙ୍କ ପାଇଁ ପ୍ରତ୍ୟେକ ଅଲଗା କକ୍ଷ ଗଠନ କରାଯିବା ପାଇଁ ପଦକ୍ଷେପ ଗ୍ରହଣ

କରାଯାଇଛି ।

### (ଖ) ପର୍ଯ୍ୟବେକ୍ଷଣ ସେବାର ପ୍ରଗତିଶୀଳ ସଫଳତା :

| ବର୍ଷ | ସମୁଦାୟ ପରିବିକ୍ଷାଧିନ ବ୍ୟକ୍ତି ବିଶେଷ ଙ୍କ ଦ୍ଵାରା ପର୍ଯ୍ୟବେକ୍ଷଣ ଥିବା ସଂଖ୍ୟା | ପରିବିକ୍ଷାଧିନ ବ୍ୟକ୍ତି ବିଶେଷଙ୍କ ପର୍ଯ୍ୟବେକ୍ଷଣ ସମାପ୍ତି ପରେ ଥିବା ସଂଖ୍ୟା | ସମୁଦାୟ ବର୍ଷ ଶେଷରେ ପର୍ଯ୍ୟବେକ୍ଷଣ ଅବସ୍ଥା ରେ ଥିବା ସଂଖ୍ୟା |
|---|---|---|---|
| ୨୦୨୨ | ୬୯୭ | ୨୧୩ | ୪୮୪ |

# ଚତୁର୍ଥ ଅଧ୍ୟାୟ

## ଅଗ୍ନିଶମ ସେବା ସଂଗଠନ

ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ଓଡ଼ିଶା ବାସୀଙ୍କ ଧନ, ଜୀବନକୁ ଅଗ୍ନି କବଳରୁ ରକ୍ଷା କରିବା ସଙ୍ଗେସଙ୍ଗେ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରିଆସୁଅଛି । ଭୟାବହ ଦୁର୍ଘଟଣାରୁ ଜନସାଧାରଣଙ୍କୁ ରକ୍ଷା କରିବା ସହ ଅଗ୍ନିଶମ ସେବା ସଂସ୍ଥା ସମସ୍ତ ପ୍ରକାରର ଦୁର୍ବିପାକ ଓ ମନୁଷ୍ୟକୃତ ବିପର୍ଯ୍ୟୟ, ବିପ୍ଳାତ, ଦୁର୍ଘଟଣା ଇତ୍ୟାଦି ସମୟରେ ସେବା କାର୍ଯ୍ୟରେ ପ୍ରଥମେ ଘଟଣା ସ୍ଥଳରେ ପହଞ୍ଚିଥାଏ । ପୂର୍ବରୁ ସଂଗଠିତ ହୋଇଥିବା ସମସ୍ତ ପ୍ରକାରର ଦୁର୍ବିପାକ ସମୟରେ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ମାନେ ଘଟଣା ସ୍ଥଳରେ ପ୍ରଥମ ସାହାଯ୍ୟକାରୀ ଭାବରେ ପହଞ୍ଚି ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିବା ସହିତ ଉଚ୍ଚ ପ୍ରଶଂସିତ ହୋଇଅଛନ୍ତି ।

ବର୍ତ୍ତମାନ ରାଜ୍ୟରେ ୩୪୫ ଗୋଟି ଦମକଳକେନ୍ଦ୍ର କାର୍ଯ୍ୟ କରୁଅଛି । ୨୦୨୩-୨୪ ଆର୍ଥିକ ବର୍ଷରେ (ଏପ୍ରିଲ, ୨୦୨୩ ଠାରୁ ନଭେମ୍ବର, ୨୦୨୩) ୧୧୨୦୮ ଗୋଟି ଅଗ୍ନିକାଣ୍ଡ ଡାକରା ଓ ୧୮୭୪୨ ଗୋଟି ସ୍ୱତନ୍ତ୍ର ସେବା ଡାକରା ପାଇ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଅବିଳମ୍ବେ ସେବା ପ୍ରଦାନ କରାଯାଇଅଛି । ଯାହା ଫଳରେ ୫୫୧୪ ଗୋଟି ମନୁଷ୍ୟ ଜୀବନ, ୯୫୭୦ ଗୋଟି ପଶୁ ଜୀବନ ଅଗ୍ନିକାଣ୍ଡ ଜନୀତ, ନଦୀ ପୋଖରୀରେ ବୁଡିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଅଛି ଏବଂ ଏଥିସହିତ ଅନ୍ୟୁନ ଟ.୨୪୬.୫୯ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା କରାଯାଇଅଛି ।

ଗତ ତା.୦୨.୦୬.୨୦୨୩ ରିଖ ରେ ବାହାନଗା ରେଳ ଷ୍ଟେସନରେ ଭୟାବହ ରେଳ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ଓ ଜରୁରୀକାଳୀନ ସେବା କର୍ମଚାରୀମାନେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ। ଏହି ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ୧୯୯ ଜଣ ଅଧିକାରୀ/ଅଗ୍ନିଶମ କର୍ମଚାରୀ ଆବଶ୍ୟକୀୟ ଯନ୍ତ୍ରପାତି ନେଇ ନିୟୋଜିତ ହୋଇଥିଲେ ଏବଂ ସେମାନଙ୍କର ନିରନ୍ତର କାର୍ଯ୍ୟ ହେତୁ ୪୫୦ ଆହତ ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ଏବଂ ଦୁର୍ଘଟଣାଗ୍ରସ୍ତ ସ୍ଥାନରୁ ୧୬୪ ମୃତଦେହ ଉଦ୍ଧାର କରିଥିଲେ । ଅଗ୍ନିଶମ ଓ ଜରୁରୀକାଳୀନ ସେବା ଅଧିକାରୀ/ କର୍ମଚାରୀମାନଙ୍କର ଏହି କାର୍ଯ୍ୟ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ଦ୍ୱାରା ସେମାନେ ତା.୧୩. ୦୮.୨୦୨୩ ରିଖରେ ପ୍ରଶଂସିତ ହୋଇଥିଲେ ।

ଏହା ବ୍ୟତୀତ ରାଜ୍ୟରେ ବିଭିନ୍ନ ଅଗ୍ନି ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟ କରି ଅଗ୍ନିଶମ କର୍ମଚାରୀମାନେ ପ୍ରଶଂସନୀୟ ସେବା ପ୍ରଦାନ କରିଛନ୍ତି, ଯେଉଁଥିପାଇଁ ଜନସାଧାରଣଙ୍କର ଧନ ଜୀବନ ରକ୍ଷା କରାଯାଇପାରିଛି । ଚଳିତ ବର୍ଷ ରାଜ୍ୟରେ ଘଟିଥିବା କେତେକ ଗୁରୁତର ଅଗ୍ନି ଦୁର୍ଘଟଣାର ବିବରଣୀ ନିମ୍ନରେ ଦିଆଗଲା ।

| କ୍ରମିକ ସଂଖ୍ୟା | ତାରିଖ | ଦୁର୍ଘଟଣାର ଅଞ୍ଚଳ | ପ୍ରଭାବିତ ସ୍ଥାନ | ରକ୍ଷା କରଯାଇଥିବା ସମ୍ପତି ର ମୂଲ୍ୟ |
|---|---|---|---|---|
| ୧ | ୦୯.୦୭.୨୦୨୩ | ଓଡିଶା ଷ୍ଟେଟ ମେଡିସିନ କର୍ପୋରେଶନ, ଭୁବନେଶ୍ୱର | ମେଡିସିନ ଗୋଦାମ | ଟ. ୫.୦୦ କୋଟି |
| ୨ | ୨୬.୦୭.୨୦୨୩ | ମଢ଼ିଆପାଲୀ ଛକ, ଟାଉନ ଥାନା, ବଲାଙ୍ଗିର | ଗୋଟିଏ ଟ୍ରକ | ଟ.୧୫.୦୦ ଲକ୍ଷ |
| ୩ | ୦୮.୦୯.୨୦୨୩ | ନଜରପୁର ଲେବର କଲୋନୀ, ଥାନା-ଜଗତପୁର, ଜି-କଟକ | ଲେବର କଲୋନୀ | ଟ.୩.୦୦ କୋଟି |
| ୪ | ୨୯.୦୯.୨୦୨୩ | ଚଉଧୁରୀ ବଜାର, କଟକ | ଶାଢୀ ସୋରୁମ | ଟ.୫.୦୦ କୋଟି |
| ୫ | ୨୬.୧୦.୨୦୨୩ | ଶ୍ରୀ ଶ୍ୟାମା ଗାରମେଣ୍ଟ ଦୋକାନ, ଖଣ୍ଡପଡା ରୋଡ, ନୟାଗଡ | ଗାରମେଣ୍ଟ ଦୋକାନ | ଟ.୧.୦୦ କୋଟି |

ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ନିୟମ-୨୦୧୭ ଅନୁଯାୟୀ ଚଳିତ ବର୍ଷ ୧୯୦୦ ଗୋଟି କୋଠାବାଡ଼ି କୁ ଅଗ୍ନି ନିରାପତ୍ତା ଦୃଷ୍ଟିରୁ ତଦାରଖ କରାଯାଇ ୧୦୭୬ ଗୋଟି କୋଠାବାଡିକୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଦିଆଯାଇଅଛି ଏବଂ ୫୨୧ ଗୋଟି ନିର୍ମିତ ହେବାକୁ ଥିବା କୋଠାବାଡ଼ିଗୁଡ଼ିକରେ ଅଗ୍ନି ନିବାରଣ ଓ ଅଗ୍ନି ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ସୁପାରିଶ କରାଯାଇଅଛି ।

ଚଳିତ ଆର୍ଥିକ ବର୍ଷ ନଭେମ୍ବର ମାସ ଶେଷ ଶୁଦ୍ଧା ଟ.୩.୯୬ କୋଟି ଟଙ୍କା ସରକାରୀ ରାଜସ୍ୱ ଆଦାୟ କରାଯାଇ ସରକାରୀ ତହବିଲରେ ଜମା କରାଯାଇଅଛି । ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ସହିତ ଓଡିଶା ଅଗ୍ନିଶମ ଓ ବିପତି ନିସ୍ତାର ପ୍ରତିଷ୍ଠାନ, ଭୁବନେଶ୍ୱରରେ ବାହାର ରାଜ୍ୟ/ବିଭାଗର ୯୭ ଜଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ପ୍ରଶିକ୍ଷଣ ଦେୟ ବାବଦକୁ ଟ. ୮,୬୧,୯୪୦/- ଙ୍କା ଆଦାୟ କରି ସରକାରୀ ତହବିଲରେ ଜମା କରାଯାଇଅଛି ।

ଗତ ୧୫ ଅଗଷ୍ଟ, ୨୦୨୩ ସ୍ୱାଧିନତା ଦିବସ ଅବସରରେ ୦୩ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ଉଲ୍ଲେଖନୀୟ ଜନସେବା ପାଇଁ ରାଷ୍ଟ୍ରପତି ସେବା ପଦକ ପାଇବା ନିମନ୍ତେ ଘୋଷଣା କରାଯାଇଅଛି ।

ଚଳିତ ବର୍ଷ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଡେଭେଲପମେଣ୍ଟ ପ୍ଳାନ୍ ଅଧୀନରେ ଥିବା ତମାଣ୍ଡୋ, ମଞ୍ଚେଶ୍ୱର ଏବଂ ପାହାଳଠାରେ ୩ଟି ନୂତନ ଦମକଳକେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି । ଏହା ବ୍ୟତୀତ ଅନୁଗୁଳ ଜିଲ୍ଲାର ବନ୍ତଳା ଠାରେ ଗୋଟିଏ ନୂତନ ଦମକଳ କେନ୍ଦ୍ର ପ୍ରତିଷ୍ଠାନ ପାଇଁ ସରକାର ଅନୁମୋଦନ କରିଛନ୍ତି, ଯାହା ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ

କରାଯିବ । ବିପର୍ଯ୍ୟୟ ଏବଂ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ସେବା ଯୋଗାଇଦେବା ପାଇଁ ୭ ଗୋଟି ଦମକଳ କେନ୍ଦ୍ର ପାଇଁ ସରକାର ବିଭିନ୍ନ ବର୍ଗର ୧୦୫ ଗୋଟି ପଦବୀ ମଞ୍ଜୁର ପ୍ରଦାନ କରିଛନ୍ତି ।

ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥାର ବିଭିନ୍ନ ଅଫିସ ଗୃହ ଏବଂ ବାସଗୃହ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ସରକାର ପ୍ରୋଗ୍ରାମ ବ୍ୟୟ ଅଧୀନରେ ୧୧୦.୯୪ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାର ବସ୍ତା ଏବଂ ମୟୂରଭଞ୍ଜ ଜିଲ୍ଲାର ବାଲିଡିହ ଠାରେ ଦୁଇଟି ଦମକଳ କେନ୍ଦ୍ର ଗୃହ ଏବଂ କର୍ମଚାରୀ ମାନଙ୍କ ପାଇଁ ୧୩୨ ଗୋଟି ବାସଗୃହର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ।

# ପଞ୍ଚମ ଅଧ୍ୟାୟ

## ବେସାମରିକ ପ୍ରତିରକ୍ଷା ସଂଗଠନ

ବେସାମରିକ ପ୍ରତିରକ୍ଷା ଅଧିନିୟମ ୧୯୬୮ ଅନୁଯାୟୀ ସମଗ୍ର ଭାରତରେ ବେସାମରିକ ପ୍ରତିରକ୍ଷା ସଂଗଠନ କାର୍ଯ୍ୟକ୍ଷମ ହୋଇଆସୁଅଛି । ଯୁଦ୍ଧକାଳୀନ ଜରୁରୀ ପରିସ୍ଥିତିକୁ ମୁକାବିଲା କରିବା ନିମନ୍ତେ ଏହି ସଂଗଠନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିଥିଲା । ସାମ୍ପ୍ରତିକ ପରିସ୍ଥିତିରେ ଏହି ସଂଗଠନ ଜନସାଧାରଣଙ୍କୁ ବର୍ହିଶତ୍ରୁ ଆକ୍ରମଣର ମୁକାବିଲା ଓ ପ୍ରସ୍ତୁତି କରିବା ସହିତ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ମୁଖୀନ ହେବାକୁ ପ୍ରେରଣା ଯୋଗାଇଆସୁଅଛି । ଅଧିନିୟମ ଅନ୍ତର୍ଗତ ସଂଗଠନର ମୂଳଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବଜାୟ ରଖି, ଏହି ବାହିନୀକୁ ବିପର୍ଯ୍ୟୟ ପରିଚାଳନାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଅଛି ।

ଓଡିଶାର ପାଞ୍ଚଟି ସହର ଯଥା ଭୁବନେଶ୍ୱର, କୋରାପୁଟ, ପାରାଦୀପ, ରାଉରକେଲା ଏବଂ ତାଳଚେରରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟ କରୁଥିଲା । ବେସାମରିକ ପ୍ରତିରକ୍ଷା ପୁନଃନିର୍ମାଣ ଯୋଜନାନୁଯାୟୀ, ଭାରତ ସରକାରଙ୍କ ଦ୍ୱାରା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର ଓ ଢେଙ୍କାନାଳ ଭଳି ପାଞ୍ଚଟି ଜିଲ୍ଲାକୁ ବହୁମୁଖୀ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବରେ ଘୋଷଣା କରାଯାଇଅଛି । ଏହିପରି ଭାବରେ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, କୋରାପୁଟ ଓ ସୁନ୍ଦରଗଡ ଆଦି ନଅଗୋଟି ଜିଲ୍ଲାରେ ବେସାମରିକ ପ୍ରତିରକ୍ଷା କାର୍ଯ୍ୟକ୍ଷମ ହେଉଛି । ପୁନଶ୍ଚ ବେସାମରିକ ପ୍ରତିରକ୍ଷା ସଙ୍ଗଠନକୁ ବିପର୍ଯ୍ୟୟ ଓ ବିପତ୍ତି ହ୍ରାସ ଜନିତ କାର୍ଯ୍ୟକ୍ରମର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏକ ନୂତନ କାର୍ଯ୍ୟକ୍ରମ ରୂପାୟନ କରି ପୁରୀ ଓ ଗଞ୍ଜାମ ଜିଲ୍ଲାକୁ ମଧ୍ୟ ଏଥିସହିତ ସାମିଲ କରାଯାଇଅଛି ।

ବେସାମରିକ ପ୍ରତିରକ୍ଷା ସଂଗଠନରେ ତାଲିମ ପ୍ରଦାନ ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ । ବିଭିନ୍ନ ଅଞ୍ଚଳରୁ ତଥା ବିଭିନ୍ନ ବର୍ଗରୁ ସ୍ୱେଚ୍ଛାସେବୀ ଗ୍ରହଣ କରି ବେସାମରିକ ପ୍ରତିରକ୍ଷା ସଂଗଠନ ମାଧ୍ୟମରେ ଜନସଚେତନତା ସହିତ ଏକୀଭୂତ ତାଲିମ ଶିବିରମାନ ଆୟୋଜନ କରାଯାଉଅଛି । ବେସାମରିକ ପ୍ରତିରକ୍ଷା ସଂଗଠନରେ ବିଭିନ୍ନ ବର୍ଗରେ କର୍ମଚାରୀ ଏବଂ ଅଧିକାରୀ ବୃନ୍ଦଙ୍କର ଘୋର ଅଭାବ ସତ୍ତ୍ୱେ ଉଭୟ ଅଗ୍ନିଶମ ଏବଂ ବେସାମରିକ ପ୍ରତିରକ୍ଷା ଏକୀକୃତ ଶାସନାଧୀନ ହୋଇଥିବାରୁ ଅଗ୍ନିଶମ ସେବା ବାହିନୀ ସହ ସମନ୍ୱୟ ରକ୍ଷାକରୀ କାର୍ଯ୍ୟକାରୀ ହେଉଅଛି । ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନରେ ତାଲିମ କାର୍ଯ୍ୟକ୍ରମ କରାଯାଇ ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ବିପତ୍ତି ନିସ୍ତାର ଓ ସୁରକ୍ଷା ଜନିତ ସଚେତନତା ସୃଷ୍ଟି କରାଯାଇଅଛି । ଓଏସଡିଏମଏ (OSDMA), ରାଜ୍ୟ ରେଡ କ୍ରସ, ଓଡ୍ରାଫ (ODRAF) ତଥା ଅନ୍ୟାନ୍ୟ ବେସରକାରୀ ସଂଗଠନ ସହଭାଗିତାରେ ବିପର୍ଯ୍ୟୟ ସମ୍ବନ୍ଧିତ ତାଲିମ କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଅଛି ।

୨୦୨୩ ମସିହା ରଥ ଯାତ୍ରାରେ ୭୦ ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିଲା । ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ଜିଲ୍ଲାରେ "ଆପଦ ମିତ୍ର" ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ଓଡିଶାର ବିଭିନ୍ନ ଜିଲ୍ଲା ଅବସ୍ଥାପିତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ୨୦୨୩ ମସିହାରେ ତାଲିମ ପ୍ରଦାନ କରିଥିଲେ । ୦୨ ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ଏତାଦୃଶ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୨୦୨୩ ବର୍ଷରେ ମହାମାନ୍ୟ ରାଷ୍ଟ୍ରପତିଙ୍କ ପ୍ରଦତ୍ତ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଅତିବିଶିଷ୍ଟ ସେବାପଦକ ଓ ପ୍ରଶଂସନୀୟ ସେବାପଦକରେ ସମ୍ମାନିତ କରାଯାଇଅଛି ।

# ଷଷ୍ଠ ଅଧ୍ୟାୟ

## ଗୃହରକ୍ଷୀ ସଂଗଠନ

ଓଡିଶା ଗୃହରକ୍ଷୀ ସଂସ୍ଥା ୧୯୬୧ ମସିହା ନଭେମ୍ବର ୧୧ ତାରିଖ ରେ ପ୍ରତିଷ୍ଠା ହୋଇଥିଲା । ଉକ୍ତ ସଂସ୍ଥାର ସମସ୍ତ ଗୃହରକ୍ଷୀ ସ୍ୱେଚ୍ଛାସେବୀଗଣ ଓଡିଶା ପୁଲିସ ଓ ଅଗ୍ନିଶମ ସେବା ସଂସ୍ଥାର ଏକ ସହାୟକ ବାହିନୀ ଭାବେ ସମାଜ ତଥା ନାଗରିକ ମାନଙ୍କୁ ନିଷ୍କାମ ସେବା ପ୍ରଦାନ କରି ଆସୁଅଛନ୍ତି । ରାଜ୍ୟର ଗୃହରକ୍ଷୀ ସ୍ୱେଚ୍ଛାସେବୀ ମାନେ ଆଭ୍ୟନ୍ତରୀଣ ସୁରକ୍ଷା, ଆଇନ ଶୃଙ୍ଖଳା, ଅପରାଧ ନିରାକରଣ, ବିଶିଷ୍ଟ ବ୍ୟକ୍ତି ମାନଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ରାତ୍ରିକାଳୀନ ପହରା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିବାରେ ନିୟୋଜିତ ହେଉଛନ୍ତି । ଜିଲ୍ଲା ମାନଙ୍କରେ ନିୟୋଜିତ ଗୃହରକ୍ଷୀ ମାନେ ଜିଲ୍ଲା ଗୃହରକ୍ଷୀ କମାଣ୍ଡାଣ୍ଟ ଭାବେ ଅବସ୍ଥାପିତ ହୋଇଥିବା ଆରକ୍ଷୀ ଅଧିକାରୀ ମାନଙ୍କ ଅଧୀନରେ କାର୍ଯ୍ୟ କରିଥାନ୍ତି । ଗୃହ ବିଭାଗ ବିଜ୍ଞାପନ ସଂଖ୍ୟା ୧୮୯୬/ସି.ଡି/୨/୬୬/୨୦୦୧/ ସି.ଡି ତା ୦୯.୧୧.୨୦୦୧ ଦ୍ୱାରା ଗୃହରକ୍ଷୀ ମାନଙ୍କୁ ସହାୟକ ଅଗ୍ନିଶମ ବଳ ଭାବେ ଘୋଷଣା କରାଯାଇ ଅଗ୍ନି ନିର୍ବାପନ, ବିପର୍ଯ୍ୟୟ ପରିଚାଳନା ଓ ରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଉଅଛି । ଓଡିଶା ସରକାର ୧୯୬୧ ମସିହାରେ ଓଡିଶା ଗୃହରକ୍ଷୀ ଅଧିନିୟମ ପ୍ରଣୟନ କରି ଏହି ବାହିନୀ କୁ ଗଠନ କରିଥିଲେ । ପରେ ଏହାକୁ ସୁସଂଗଠିତ ସଂସ୍ଥାରେ ପରିଣତ କରିବା ପାଇଁ ସରକାର ୧୯୬୨ ମସିହା ରେ ଓଡିଶା ଗୃହରକ୍ଷୀ ନିୟମାବଳୀ ର ପ୍ରବର୍ତ୍ତନ କରିଥିଲେ ।

ଆମ ରାଜ୍ୟରେ ବର୍ତ୍ତମାନ ୧୭,୬୭୫ ଗୋଟି ଗୃହରକ୍ଷୀ ପଦବୀ ରହିଅଛି । ତନ୍ମଧ୍ୟରୁ ୧୦୦ ଜଣ ଗୃହରକ୍ଷୀ ବିଭିନ୍ନ ଦେଶରୁ ଆସୁଥିବା ପରିଭ୍ରମଣକାରୀ ମାନଙ୍କର ସୁରକ୍ଷା ନିମନ୍ତେ ପୁରୀ ସମୁଦ୍ର କୂଳରେ ଜୀବନ ରକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି । ୨୦୨୩ ମସିହାରେ (ତା୦୧.୦୧.୨୦୨୩ ରିଖ ଠାରୁ ତା ୩୦.୧୧.୨୦୨୩ସୁଦ୍ଧା ) ଜୀବନ ରକ୍ଷାକାରୀ ଗୃହରକ୍ଷୀ ମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମ ପାଇଁ ସମୁଦ୍ର ରେ ବୁଡି ଯାଉଥିବା ୨୭୨ ଜଣ ବ୍ୟକ୍ତିଙ୍କ ଜୀବନ ଉଦ୍ଧାର ହୋଇପାରିଛି ।

୨୦୨୩ ମସିହା ସାଧାରଣତନ୍ତ୍ରଦିବସ ଅବସରରେ ଭୁବନେଶ୍ୱର ୟୁପିଡିର ଗୃହରକ୍ଷୀ ଶ୍ରୀ ପ୍ରତାପ ଚନ୍ଦ୍ର ଖଣ୍ଡ ଖଣ୍ଡୁଆଳ, ବୌଦ୍ଧ ଜିଲ୍ଲାର ଗୃହରକ୍ଷୀ ଶ୍ରୀ ବାବୁଲି ହାତୀ ଏବଂ ଶ୍ରୀ ଉମେଶ ନାୟକ ଏବଂ କଳାହାଣ୍ଡି ଜିଲ୍ଲାର ଗୃହରକ୍ଷୀ ଶ୍ରୀ ପ୍ରମୋଦ କୁମାର ସାହୁ ଏବଂ ଶ୍ରୀ ବିପିନ ବିହାରୀ ବିଶ୍ୱାଳ ଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମାନ୍ୟବର ରାଷ୍ଟ୍ରପତି ମହୋଦୟା ପ୍ରସନ୍ନ ହୋଇ "ଗୃହରକ୍ଷୀ ଓ ବେସାମରିକ ଓ ପ୍ରତିରକ୍ଷା ପ୍ରଶଂସନୀୟ ସେବା ପଦକ" ପ୍ରଦାନ କରିଛନ୍ତି ।

୨୦୨୩ ମସିହା ସ୍ୱାଧୀନତା ଦିବସ ଉପଲକ୍ଷେ କନ୍ଧମାଳ ଜିଲ୍ଲାର ଗୃହରକ୍ଷୀ ଶ୍ରୀ ସିମାଞ୍ଚଳ ନାୟକ ଏବଂ ରାଉରକେଲା ର ମହିଳା ଗୃହରକ୍ଷୀ ଶ୍ରୀମତୀ ଗାୟତ୍ରୀ ସିଂହ ଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମାନ୍ୟବର

ରାଷ୍ଟ୍ରପତି ମହୋଦୟା ପ୍ରସନ୍ନ ହୋଇ "ଗୃହରକ୍ଷୀ ଓ ବେସାମରିକ ଓ ପ୍ରତିରକ୍ଷା ପ୍ରଶଂସନୀୟ ସେବା ପଦକ" ପ୍ରଦାନ କରିଛନ୍ତି।

ଏତଦବ୍ୟତୀତ ଆମ ରାଜ୍ୟର ୧୨ ଜଣ ଗୃହରକ୍ଷୀ ୨୦୨୨ ମସିହା ନିମନ୍ତେ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାର୍ଷିକ ଦିବସ ଅବସରରେ "ଡି.ଜି ସି.ଡି ପଦକ ଓ ପ୍ରଶଂସା ପତ୍ର" ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି ।

୨୦୨୩-୨୪ ମସିହାରେ ଗୃହରକ୍ଷୀ ମାନଙ୍କୁ ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥା ମାନଙ୍କରେ ନିୟୋଜନ କରାଯାଇ ମୋଟ ଟ. ୧୮,୫୯,୮୮୬ /-ଙ୍କା ରାଜସ୍ୱ ସଂଗ୍ରହ କରାଯାଇ ସରକାରୀ ତହବିଲ ରେ ଜମା କରାଯାଇଅଛି ।

# ସପ୍ତମ ଅଧ୍ୟାୟ

## ନ୍ୟାୟ ପାଳିକା

### ୭.୧) ଭିତ୍ତିଭୂମି

ନ୍ୟାୟପାଳିକା ଅନୁଷ୍ଠାନରେ ଭିତ୍ତିଭୂମିର ସୁବିଧା ସୁଯୋଗ ମୁଖ୍ୟ ଗୁରୁତ୍ୱ ବହନ କରେ । ଦୂର ଦୂରାନ୍ତ ଅଞ୍ଚଳରେ ନ୍ୟାୟ ପ୍ରଦାନ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଆନୁଷ୍ଠାନିକ ଉପସ୍ଥିତି ଏକ ଅପରିହାର୍ଯ୍ୟ ପ୍ରସ୍ତାବ । ତେଣୁ ରାଜ୍ୟସରକାର ନ୍ୟାୟପାଳିକାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ଏଥି ନିମିତ୍ତ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୩୮୧.୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ରାଜ୍ୟ ସରକାର ୨୬.୪୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଇତ୍ୟବସରରେ ୦୯ ଗୋଟି ଅଦାଲତ ଗୃହ ଓ ନ୍ୟାୟାଧୀଶ ତଥା ଅନ୍ୟ କର୍ମଚାରୀମାନଙ୍କ ପାଇଁ ୦୫ ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ୩୧.୦୩.୨୦୨୪ ସୁଦ୍ଧା ୦୬ ଗୋଟି ଅଦାଲତ ଗୃହ ଓ ୨୬ ଟି ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୦୦ ଟି କୋର୍ଟ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଛି ।

### ୭.୨) ନୂତନ ଓ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା

ସମାଜର ମୂଳସ୍ତରରେ ଓ ସବୁ ବର୍ଗର ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଅଙ୍ଗୀକାରବଦ୍ଧତା ସରକାର ପୁନରାବୃତ୍ତି କରିଛନ୍ତି । ସେହିଭଳି ନ୍ୟାୟସେବା ପରିସରକୁ ଅଧିକ ବ୍ୟାପକ ଓ ସୁଲଭ ମୂଲ୍ୟରେ ସହଜଲଭ୍ୟ କରିବା ପାଇଁ ସରକାର ଦୂର ଓ ଅଗମ୍ୟ ଜିଲ୍ଲାଗୁଡିକରେ ୦୩ ଟି ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ, ୦୧ ଟି ଗ୍ରାମ ନ୍ୟାୟାଳୟ, ୦୪ ଟି ସିନିୟର ସିଭିଲ ଜଜ-ତଥା-ସହାୟକ ଦୌରା ଜଜ୍ ଅଦାଲତ ପ୍ରତିଷ୍ଠା କରିଛନ୍ତି । ଅନୁରୂପ ଭାବରେ ୦୩ ଟି ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ, ୧୨ ଟି ସିନିୟର ସିଭିଲ ଜଜ୍-ତଥା-ସହାୟକ ଦୌରା ଜଜ୍ ଅଦାଲତ, ୦୬ ଟି ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ), ୦୫ ଟି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତ କାର୍ଯ୍ୟକ୍ଷମ କରାଯାଇଛି । ସେହିପରି ବିଭିନ୍ନ ନିୟମ ଓ ଅଧିନିୟମ ବଳରେ ୧୨ ଟି ସ୍ୱତନ୍ତ୍ର ଅଦାଲତ କାର୍ଯ୍ୟକ୍ଷମ କରାଯାଇଛି । ଇତ୍ୟବସରରେ ୧୨୧୬୩୨ ଟି ଦେୱାନୀ ଓ ୨୬୭୨୭୫ ଫୌଜଦାରୀ ମାମଲା ଫଇସଲା ହୋଇଯାଇଛି ।

### ୭.୩ ) କୋର୍ଟ ଆଧୁନିକୀକରଣ

ବର୍ତ୍ତମାନ ଯୁଗର ଚାହିଦା ସହିତ ତାଳଦେଇ ଚାଲିବାପାଇଁ ସରକାର କୋର୍ଟ ସଂଗଠନର ଆଧୁନିକୀକରଣ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଆଭାସୀ ପ୍ରକ୍ରିୟାରେ କୋର୍ଟ କେସ ଗୁଡିକର ଶୁଣାଣି ତଥା ସିଧା ପ୍ରସାରଣ ସହ ଅନେକ ଗୁଡିଏ କାର୍ଯ୍ୟକ୍ରମ ଯଥା ସୁଦୃଢ ତଥା ବଳିଷ୍ଠ ଇଣ୍ଟରନେଟ ସଂଯୋଗୀକରଣ, କାଗଜ ବିହୀନ କୋର୍ଟ କାର୍ଯ୍ୟ,

ଡିଜିଟାଇଜେସନ , ଡିଜିଟାଲ୍ ସହାୟକ ପାଠାଗାର, ଅର୍ଡ଼ର୍ କମ୍ୟୁନିକେସନ ପୋର୍ଟାଲ୍, ଅନଲାଇନ୍ ଆର୍.ଟି.ଆଇ. ପୋର୍ଟାଲ୍, ଅନଲାଇନ୍ ପ୍ରମାଣିତ ନକଲ ପୋର୍ଟାଲ୍, ୱାରେଣ୍ଟ ପରିଚାଳନା ପଦ୍ଧତି ଆଦି ପ୍ରର୍ବତ୍ତନ କରାଯାଇଛି ।

## ୭.୪ ) ଓଡିଶା ଜୁଡ଼ିସିଆଲ ଏକାଡେମୀ

ନ୍ୟାୟବିଭାଗୀୟ ଅଧିକାରୀମାନଙ୍କୁ ତାଲିମ ଦେବାରେ ଓଡିଶା ଜୁଡ଼ିସିଆଲ ଏକାଡେମୀ ଏକ ଅଗ୍ରଣୀ ସଂସ୍ଥା । ନ୍ୟାୟବିଭାଗୀୟ ଅଧିକାରୀମାନଙ୍କୁ ସେମାନଙ୍କ ନ୍ୟାୟ ସେବା ସମୟରେ ମଧ୍ୟବର୍ତ୍ତୀକାଳୀନ ତାଲିମ, ନୂତନଭାବେ ନିଯୁକ୍ତ ଅଧିକାରୀମାନଙ୍କୁ ତାଲିମ ତଥା ଅନେକ ଗୁଡ଼ିଏ ସ୍ୱଳ୍ପମିଆଦୀ ତାଲିମ ପ୍ରଦାନ କରାଯାଉଛି । ଏତଦ୍ ବ୍ୟତୀତ ନ୍ୟାୟପ୍ରଦାନ କ୍ଷେତ୍ରରେ ନୂତନ ବିଚାରଧାରା ଉପରେ ଏହି ସଂସ୍ଥା ର୍କମଶାଳା ଓ ପାଠଚକ୍ର ଆୟୋଜନ କରୁଛନ୍ତି । ବିଗତ ବର୍ଷ ଅନୁଗୁଳ, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର ଓ ସମ୍ବଲପୁର ଠାରେ ୦୫ ଗୋଟି ଆଞ୍ଚଳିକ ଜୁଡ଼ିସିଆଲ ଏକାଡେମୀ ପ୍ରତିଷ୍ଠା କରାଯାଇଛି । ୨୦୨୩-୨୪ ବର୍ଷରେ ୫୧ ଜଣ ନବନିଯୁକ୍ତ ସିଭିଲ୍ ଜଜ୍, ଜିଲ୍ଲା ଜଜ୍ କ୍ୟାଡ଼ରର ୧୨ ଜଣ ନ୍ୟାୟାଧୀଶଙ୍କ ଆନୁଷ୍ଠାନିକ ତାଲିମ୍ ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ୩୪୮ ଜଣ ନ୍ୟାୟାଧୀଶଙ୍କୁ ସ୍ୱଳ୍ପମିଆଦୀ ତାଲିମ୍ ଏବଂ ୬୦ ଜଣ ନ୍ୟାୟାଧୀଶଙ୍କୁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଉପରେ ତାଲିମ୍ ପ୍ରଦାନ କରାଯାଇଛି ।

# ଅଷ୍ଟମ ଅଧ୍ୟାୟ

## ନିର୍ବାଚନ

### ନିର୍ବାଚନ ପରିଚାଳନା

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ପରିଚାଳନା ବିଭାଗ ନିର୍ବାଚନ ପରିଚାଳନା, ଆଇନ ଶୃଙ୍ଖଳା, ନିର୍ବାଚନ ଆଚରଣ ବିଧି, ଅନୁଗ୍ରହ ପ୍ରାପ୍ୟ, ସ୍ୱୀକୃତିପ୍ରାପ୍ତ ତଥା ଅଣ-ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଏବଂ ଭାରତର ନିର୍ବାଚନଆୟୋଗଙ୍କ ଅନ୍ୟ ଆଇନଗତ କାର୍ଯ୍ୟ କରୁଅଛି ।

ନିର୍ବାଚନ: ୨୦୨୩-୨୪ ବର୍ଷରେ, ବିଧାୟକ ଶ୍ରୀ ନବ କିଶୋର କୁମାର ଦାସଙ୍କ ଦ ଦୁଃଖଦ ମୃତ୍ୟୁ ହେତୁ ମୁଖ୍ୟ ନିର୍ବାଚନ ଅଧିକାରୀ ଝାରସୁଗୁଡା ଉପ ନିର୍ବାଚନ କରାଇଥିଲେ । ଏହା ବାଦ୍ ଏହି ବିଭାଗ ମଧ୍ୟ ଏପ୍ରିଲ, ୨୦୨୪ ରେ ରାଜ୍ୟସଭାରୁ ଅବସର ନେଇଥିବା ତିନି ଜଣ ସଦସ୍ୟଙ୍କ ଆସନ ପୂରଣ କରିବା ପାଇଁ ଦ୍ୱିବର୍ଷୀୟ ନିର୍ବାଚନକୁ ସଫଳତାର ସହିତ ପରିଚାଳନା କରିଥିଲେ ।

ଉପରୋକ୍ତ ନିର୍ବାଚନ ସମୟରେ, ଆଚରଣ ବିଧି, ଆଇନ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଥିଲା ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ଭାରତ ନିର୍ବାଚନ ଆୟୋଗ ଏବଂ ବିଭିନ୍ନ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଉପରୋକ୍ତ ସମସ୍ତ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିଥିଲେ ।

### ଭୋଟର ତାଲିକା, ଭୋଟର କାର୍ଡ଼ ଏବଂ ମତଦାନ କେନ୍ଦ୍ର ସମ୍ବନ୍ଧୀୟ ସୂଚନା ଏବଂ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (SSR)ର ସମୀକ୍ଷା

- ସମସ୍ତ ଉପଭୋକ୍ତାଙ୍କୁ ERONET 2.0 ରେ ସଫଳତାର ସହିତ ଚିହ୍ନଟ କରାଯାଇଛି ।
- ରାଜନୈତିକ ଦଳଗୁଡିକ ସଂଶୋଧନ କାର୍ଯ୍ୟର ସମସ୍ତ ପର୍ଯ୍ୟାୟରେ ଜଡିତ ଥିଲେ । ନିର୍ବାଚନ ତାଲିକାର ଅବିକଳ ବିଭିନ୍ନ ରାଜନୈତିକ ଦଳ ମାନଙ୍କୁ ଉଭୟ ପ୍ରତିଲିପି ଓ ଡ଼ିଜିଟାଲ୍ ମାଧ୍ୟମରେ ପ୍ରଦାନ କରାଯାଇଅଛି ।
- ଅନଲାଇନ୍ ଆବେଦନ କରିବା ପାଇଁ ବିଭିନ୍ନ SVEEP କାର୍ଯ୍ୟକଳାପ ମାଧ୍ୟମରେ ଆଶାୟୀ ଚୟନକର୍ତ୍ତାଙ୍କୁ ଅନୁସରଣ କରାଯାଉଛି ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (SSR) ୨୦୨୪ ରେ, ୧୨,୯୭,୯୫୪ ଭୋଟର ତାଲିକାରେ ସାମିଲ ହୋଇଥିଲେ ।
- ମତଦାତାଙ୍କ ଲିଙ୍ଗଗତ ଅନୁପାତ ୨୦୨୩ ମସିହାରେ ୯୬୧ ରୁ ୯୭୪ କୁ ବୃଦ୍ଧି ପାଇଥିଲା ।

## ଅନ୍ତିମ ପ୍ରକାଶନରେ ଇ-ରୋଲର ସ୍ଥିତି, SSR-୨୦୨୪

| | |
|---|---|
| **ମତଦାତା ଓ ଜନସଂଖ୍ୟା ର ଅନୁପାତ** | **୭୨.୨୮ %** |
| ମତଦାତା -ଲିଙ୍ଗ ଗତ ଅନୁପାତ | ୯୭୪ |
| ନୂତନ ମତଦାତା ର ଭୋଟର ତାଲିକାରେ ସଂଯୋଗୀକରଣ (SSR ୨୦୨୪) | ୧୨,୯୭,୯୫୪ |
| ସେବା ଭୋଟର | ୫୦,୨୧୧ |
| ମୋଟ PWD ଭୋଟର | ୫,୨୩,୭୨୪ |
| NRI ମତଦାତା | ୧୯୭ |
| ଫଟୋ ଯୁକ୍ତ ଭୋଟର ତାଲିକା | ୯୯.୯୯ % |
| ଭୋଟର ପରିଚୟ ପତ୍ର (EPIC) | ୯୯.୯୯ % |

## ଭୋଟର ତାଲିକାର ସଂଶୋଧନ

ପୂର୍ବ-ସଂଶୋଧନ କାର୍ଯ୍ୟକଳାପରେ ତ୍ରୁଟି ଶୁନ୍ୟ ଭୋଟର ତାଲିକାର ଅନ୍ୟ ମାନକ (Parameters) ତଥା DSE ଗୁଡ଼ିକର ରିଜୋଲୁସନ, ଯୁକ୍ତିଯୁକ୍ତ ତୃଟି, ଫଟୋ ଏବଂ EPIC ନଥିବା ଭୋଟରଙ୍କୁ ଅପସାରଣ ଇତ୍ୟାଦି କରାଯାଇଥିଲା

| ଭୋଟର ତାଲିକାର ସଂଶାଧନ ର ପ୍ରକାର | ଚିହ୍ନିତ | ଯାଞ୍ଚ | ଅପସାରିତ / ସଂଶୋଧିତ |
|---|---|---|---|
| DSE | ୫୬୩୯୨ | ୫୬୧୯୦ | ୫୪୩୬୯ |
| PSE | ୨୬୫୫୫୪ | ୨୫୧୨୦୫ | ୨୪୦୩୬୮ |
| ପୁନରାବୃତ୍ତି EPIC ସଂଖ୍ୟା | ୯୬୭୩ | | |
| ଯୁକ୍ତିଯୁକ୍ତ ତ୍ରୁଟି ସଂଶୋଧନ ମାମଲା ସଂଖ୍ୟା | ୪୯୩୨ | | |

## ଭୋଟର ଫଟୋ ପରିଚୟ ପତ୍ର (EPIC)

ମତଦାନ ସମୟରେ ଛଦ୍ମନାମୀଙ୍କୁ ରୋକିବା ଏବଂ ପ୍ରକୃତ ଭୋଟରଙ୍କ ପରିଚୟ ଚିହ୍ନଟ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆଇନ ଅନୁସାରେ ଭୋଟର ଫଟୋ ପରିଚୟ ପତ୍ର (EPIC) ର ବ୍ୟବସ୍ଥା କରାଯାଇଛି ।

ନିର୍ବାଚନ ଆୟୋଗ ନିଷ୍ପତ୍ତି ନେଇଛନ୍ତି ଯେ, ପରିଚୟ ପତ୍ରର ଗୁଣବତ୍ତା, ସୁରକ୍ଷା, ଏବଂ ଅନ୍ୟାନ୍ୟ ବୈଶିଷ୍ଟ୍ୟକୁ ଆଗକୁ ଅଧିକ ଉନ୍ନତ କରାଯିବ । ସମସ୍ତ ନୂଆ ପରିଚୟପତ୍ର ଗୁଡ଼ିକ ନିମ୍ନଲିଖିତ ବୈଶିଷ୍ଟ୍ୟ ଗୁଡିକ ସହ ଏକ ରଙ୍ଗୀନ ଫଟୋଗ୍ରାଫ୍ ସହିତ ଏକ PVC ସିଟ ଉପରେ ମୁଦ୍ରିତ ହେବ ।

EPIC ର **ନୂତନ ସୁରକ୍ଷା ବୈଶିଷ୍ଟ୍ୟଗୁଡିକ ନିମ୍ନରେ ପ୍ରଦାନ କରାଗଲା:**

(କ) ନୂତନ PVC ପରିଚୟପତ୍ର ନିମ୍ନ ଆକାର ମୁତାବକ ଭୂସମାନ୍ତର ହେବ:

- କାର୍ଡ ଆକାର: CR ୮୦ (୮୬ mm x ୫୪ mm x ୦.୭୬ mm)
- ମୋଟା: ୭୬୦ ମାଇକ୍ରନ୍

(ଖ) ହଲୋଗ୍ରାମ: ସୁନା / ରୂପା ଛାୟା ବିଶିଷ୍ଟ ୧୯-୨୩ ମାଇକ୍ରୋନ୍ ପଲିଷ୍ଟରରେ ନିର୍ମିତ ହୋଇ ଷ୍ଟାମ୍ପ୍ କରାଯିବ ।

(ଗ) ଅଣୁ ଲେଖା: ଲେଖା ଫଟୋଗ୍ରାଫର ସୀମା ଭାବରେ ୧୯ ରୁ ୨୫ ମାଇକ୍ରନ୍ ଆକାରର ରହିବ ।

(ଘ) ଆଗ ପାର୍ଶ୍ୱରେ ଚୟନ କର୍ତ୍ତାଙ୍କ ଫଟୋଗ୍ରାଫ୍ ରହିବ ।

(ଙ) QR ବାର୍ କୋଡ୍ ୩୦୦୦ + ଅକ୍ଷର ସହିତ

ଭୋଟର ପରିଚୟ ପତ୍ର ( EPIC ) / ପରିଚୟ ପତ୍ର ରେ ପରିବର୍ତ୍ତନ ହେଲେ , ବିଏନପିଏଲ୍ ସୁବିଧା ଉପଲବ୍ଧ ଥିବା ପୋଷ୍ଟ ବିଭାଗ (DoP) ଦ୍ୱାରା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ବିତରଣ କରାଯିବ । ଜଣେ ଭୋଟର ପାଇଁ EPIC ହେଉଛି ପ୍ରଥମ ଆନୁଷ୍ଠାନିକ ପରିଚୟପତ୍ର । ସେଥିପାଇଁ ଏହି ଅଭିଜ୍ଞତାକୁ ସ୍ମରଣୀୟ କରିବା ଏବଂ EPIC ବିତରଣକୁ ଏକ ବ୍ୟକ୍ତିଗତ ସ୍ପର୍ଶ ଦେବା ପାଇଁ , ଅଗଷ୍ଟ ୨୦୨୧ ରେ ECI ଦ୍ୱାରା ନିର୍ଦ୍ଦେଶିତ ହୋଇଛି ଯେ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି କିଟ୍ କୁ ନୂତନ ପଞ୍ଜୀକୃତ ଭୋଟରଙ୍କୁ ପ୍ରଦାନ କରିବେ, ଯେଉଁଥିରେ ଭୋଟର ଗାଇଡ୍ ଏବଂ ମତଦାତା ସଂକଳ୍ପ ସହିତ ବ୍ୟକ୍ତି କେନ୍ଦ୍ରିକ ଚିଠି ରହିବ ।

## ମତଦାନ କେନ୍ଦ୍ରର ଯୁକ୍ତିଯୁକ୍ତ କରଣ

ଭାରତ ନିର୍ବାଚନ ଆୟୋଗ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟରଙ୍କ ସଂଖ୍ୟାକୁ ୧୫୦୦ ରଖିବାକୁ ଚାହୁଁଛନ୍ତି । ଯୁକ୍ତିଯୁକ୍ତ ହେବା ପରେ ମତଦାନ କେନ୍ଦ୍ରଗୁଡ଼ିକର ସଂଖ୍ୟା ୩୭୬୦୬ ରୁ ୩୭୮୦୯ କୁ ବୃଦ୍ଧି ପାଇଛି।

## ମତଦାନ କେନ୍ଦ୍ର ସମ୍ବନ୍ଧୀୟ ସୂଚନା

- ### ସାଧାରଣ ସୂଚନା

| | ମୋଟ | ସହରାଞ୍ଚଳ | ଗ୍ରାମାଞ୍ଚଳ |
|---|---|---|---|
| ମତଦାନ କେନ୍ଦ୍ର | ୩୭୮୦୯ | ୪୩୮୦ | ୩୩୪୨୯ |
| ଏକକାଳୀନ ସାଧାରଣ ନିର୍ବାଚନ -୨୦୨୪ ପାଇଁ ସହାୟକ ମତଦାନ କେନ୍ଦ୍ର ର ଗଠନ | ୮୯ | | |
| ମତଦାନ କେନ୍ଦ୍ର ଅବସ୍ଥାନ | ୩୦୬୮୪ | ୨୨୬୫ | ୨୮୪୧୯ |
| ମତଦାନ କେନ୍ଦ୍ର ପ୍ରତି ଚୟନକର୍ତ୍ତାଙ୍କ ହାରାହାରି ସଂଖ୍ୟା (ଫାଇନାଲ୍ ରୋଲ୍) | ୮୮୮ | | |

| | |
|---|---|
| ମୋଟ BLOs ସଂଖ୍ୟା | ୩୭୮୦୯ |
| ମହିଳା ପରିଚାଳିତ ହୋଇଥିବା ମତଦାନ କେନ୍ଦ୍ର ସଂଖ୍ୟା | ୪୦୦୦ |
| PWD ପରିଚାଳିତ ମତଦାନ କେନ୍ଦ୍ର ସଂଖ୍ୟା | ୩୦୦ |
| ଯୁବ ପରିଚାଳନା ମତଦାନ କେନ୍ଦ୍ର | ୭୦୦ |
| ମୋଟ ଆଦର୍ଶ ମତଦାନ କେନ୍ଦ୍ର | ୭୦୦ |

- ### ସର୍ବନିମ୍ନ ସୁବିଧା ସ୍ଥିତି (ସମୁଦାୟ ୩୭୮୦୯ ମତଦାନ କେନ୍ଦ୍ର )

| ସର୍ବନିମ୍ନ ସୁବିଧା ସୁନିଶ୍ଚିତ ବର୍ଗ | ଶତକଡା (%) |
|---|---|
| ଚଟାଣ ଖସଡା ଥିବା ମତଦାନ କେନ୍ଦ୍ର | ୯୮.୨୬ |
| ବିଦ୍ୟୁତ ସଂଯୋଗ ଥିବା ମତଦାନ କେନ୍ଦ୍ର | ୯୨.୧୫ |
| ପାନୀୟ ଜଳ ଉପଲବ୍ଧ ଥିବା ମତଦାନ କେନ୍ଦ୍ର | ୯୮.୮୯ |
| ଶୌଚାଳୟ ଉପଲବ୍ଧ ଥିବା ମତଦାନ କେନ୍ଦ୍ର | ୯୮.୮୫ |
| ତଳ ମହଲାରେ ଥିବା ମତଦାନ କେନ୍ଦ୍ର | ୧୦୦ |
| ଅପେକ୍ଷା କକ୍ଷ / ଛାଇ ଥିବା ମତଦାନ କେନ୍ଦ୍ର | ୯୦.୬୫ |
| ନାମ ଫଳକ ଥିବା ମତଦାନ କେନ୍ଦ୍ର | ୯୬.୧୮ |

# ନବମ ଅଧ୍ୟାୟ

## ରାଜ୍ୟ ସୈନିକ ବୋର୍ଡ

ରାଜ୍ୟର ସମସ୍ତ ପୂର୍ବତନ ସାମରିକ କର୍ମଚାରୀ, ଯୁଦ୍ଧ ବିଧବା, ଅକ୍ଷମ କର୍ମଚାରୀ ଏବଂ ମୃତ କର୍ମଚାରୀ ପରିବାରବର୍ଗଙ୍କର ଉପଯୁକ୍ତ ଥଇଥାନ୍, ପୁନର୍ବାସ ଏବଂ ସେମାନଙ୍କ ସାମାଜିକ ବା ଆର୍ଥିକ କଲ୍ୟାଣ ସାଧନା ହେଉଛି ସୈନିକବୋର୍ଡର ମୁଖ୍ୟ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ । ଏତଦ ବ୍ୟତୀତ ସେବାରତ ସାମରିକ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଆବଶ୍ୟକୀୟ ସାମାଜିକ ସୁରକ୍ଷା ପ୍ରଦାନରେ ସହାୟତା ଏବଂ ଆନୁସଙ୍ଗିକ କଲ୍ୟାଣ ସାଧନ ମଧ୍ୟ ବୋର୍ଡର ଦାୟିତ୍ୱ ପରିସରଭୁକ୍ତ ଅଟେ । ବର୍ତ୍ତମାନ ରାଜ୍ୟରେ ଥିବା ୦୮ ଟି ଜିଲ୍ଲା ସୈନିକ ବୋର୍ଡ ଏହି ଉଦ୍ଦେଶ୍ୟରେ ପରିଚାଳିତ ।

### ସଫଳତା

୨୦୨୩-୨୪ ବର୍ଷରେ ରାଜ୍ୟସୈନିକ ବୋର୍ଡ ହାସଲ କରିଥିବା ସଫଳତା ନିମ୍ନରେ ପ୍ରଦାନ କରାଗଲା।

- **ଶିକ୍ଷାବୃତ୍ତି ପାଇଁ ସହାୟତା:**

  ବାର୍ଷିକ ଟ.୧୨,୦୦୦/- ହାରରେ ମୋଟ୍ ୩୮୯୩ ଟି ଅନ୍‌ଲାଇନ ଦରଖାସ୍ତ ଗ୍ରହଣ କରାଯାଇ ଶିକ୍ଷାବୃତ୍ତି ଅନୁମୋଦନ ପାଇଁ କେନ୍ଦ୍ରୀୟ ସୈନିକବୋର୍ଡ କୁ ସୁପାରିସ କରାଯାଇଅଛି ।
- **ବିବାହ ଅନୁଦାନ:**

  କନ୍ୟା ବିବାହ ପାଇଁ ମୋଟ୍ ୯୧ ଗୋଟି ଅନ୍‌ଲାଇନ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଟ.୫୦,୦୦୦/ ହାରରେ ଅନୁଦାନରାଶି ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି ।
- **ଆର୍ଥିକ ଅନୁଦାନ (ପେନୁରୀ)**

  ୬୫ ବର୍ଷରୁ ଉର୍ଦ୍ଧ୍ୱ ଅଣପେନସନଭୋଗୀ ପୂର୍ବତନ ସୈନିକଙ୍କର ଏକ ଗୋଟି ଅନ୍‌ଲାଇନ ଦରଖାସ୍ତ ସୁପାରିସ କରି ମାସିକ ଟ.୪,୦୦୦/- ହାରରେ ସହାୟତା ରାଶି ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ସୈନିକବୋର୍ଡକୁ ସୁପାରିସ କରାଯାଇଛି ।
- **ଶାରୀରିକ ତଥା ମାନସିକ ଅକ୍ଷମ ପିଲାଙ୍କ ନିମନ୍ତେ ଆର୍ଥିକ ସହାୟତା**

  ଶାରୀରିକ ତଥା ମାନସିକ ଅକ୍ଷମ ପିଲାଙ୍କ ନିମନ୍ତେ ଆର୍ଥିକ ସହାୟତା ପାଇଁ ମୋଟ୍ ୧୨ ଗୋଟି ଅନ୍‌ଲାଇନ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକବୋର୍ଡକୁ ମାସିକ ଟ.୩୦୦୦/– ହାରରେ ଅନୁମୋଦନ ନିମନ୍ତେ ସୁପାରିସ କରାଯାଇଛି ।

- **ଶୌର୍ଯ୍ୟ ଏବଂ ଅଣଶୌର୍ଯ୍ୟ ପୁରସ୍କାର:-**

ଶୌର୍ଯ୍ୟ ଓ ଅଣଶୌର୍ଯ୍ୟ ପୁରସ୍କାର ପ୍ରାପ୍ତ ସେନା କର୍ମଚାରୀ ମାନଙ୍କୁ ରାଜ୍ୟ ସରକାରଙ୍କର ଗୃହବିଭାଗ, ଓଡିଶା ପଦକ ( Medal) ଅନୁଯାଇ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି ।

- **ଜମିବଦଳରେ ଟ.୫୦,୦୦୦/- ହାରରେ ଅନୁଦାନ**

ଅଣକମିଶନ ପ୍ରାପ୍ତ ଓ ଭୂମିହୀନ ସୈନିକ ମାନଙ୍କୁ ଜମିବଦଳରେ ଟ.୫୦,୦୦୦/- ହାରରେ ଅନୁଦାନ ରାଶି ରାଜ୍ୟ ସରକାରଙ୍କର ଗୃହବିଭାଗ ପ୍ରଦାନ କରିଥାନ୍ତି ।

- **ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ନାତକ ପ୍ରମାଣପତ୍ର ପ୍ରଦାନ**

ରକ୍ଷା ମନ୍ତ୍ରଣାଳୟ, କେନ୍ଦ୍ରୀୟ ସୈନିକବୋର୍ଡ ଏବଂ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁଯାୟୀ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଯୋଗ୍ୟ ବିବେଚିତ ପୂର୍ବତନ ସୈନିକମାନଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏକ ବୋର୍ଡ ଗଠନ କରାଯାଇ ମୋଟ ୧୯ ଜଣଙ୍କୁ ଡିସେମ୍ବର ୨୦୨୨ ରେ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏତଦ ବ୍ୟତୀତ ଜୁନ୍ ୨୦୨୩ ରେ ଆଉ ୧୯ ଜଣ ଯୋଗ୍ୟ ପୂର୍ବତନ ସୈନିକମାନଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଦସ୍ତାବିଜ୍ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ପଠାଯାଇଛି ।

- **ସୈନିକଭବନରେ Family Room ଏବଂ Dormitory ର ସୁବିଧା:**

ରାଜ୍ୟର ରାଜଧାନୀକୁ କାର୍ଯ୍ୟ ଉଦ୍ଦେଶ୍ୟରେ ଆସୁଥିବା ପୂର୍ବତନ ସୈନିକ ତଥା ସେବାରତ ସୈନିକମାନଙ୍କର ସାମୟିକ ରହଣି ନିମନ୍ତେ Family Room ଏବଂ Dormitory ର ସୁବିଧା ରହିଛି । ଅନେକ ସେବାରତ ତଥା ଅଣସେବାରତ ସୈନିକ , କେନ୍ଦ୍ର ଏବଂ ରାଜ୍ୟ ସରକାର କର୍ମଚାରୀ ଏହାର ସୁବିଧା ପାଉଛନ୍ତି।

- **ଡାଟାବେସ ସଫ୍ଟୱେର ର ଉନ୍ନତି କରଣ:**

ଓଡିଶା କମ୍ପୁଟର ପ୍ରୟୋଗ କେନ୍ଦ୍ର (OCAC) ଦ୍ୱାରା ରାଜ୍ୟରେ ରହୁଥିବା ପୂର୍ବତନ ସୈନିକ ତଥା ତାଙ୍କ ପରିବାରବର୍ଗଙ୍କ ସମସ୍ତ ତଥ୍ୟର କମ୍ପ୍ୟୁଟରୀକରଣ କରାଯାଉଅଛି । ଏହି ତଥ୍ୟର ର ଉନ୍ନତି କରଣ ପୂର୍ବସୈନିକ, ପୂର୍ବତନ ସୈନିକଙ୍କ ପତ୍ନୀ ତଥା ସେମାନଙ୍କର ପରିବାର ବର୍ଗଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ସାହାଯ୍ୟ କରିବ ।

- **ୱେବସାଇଟ୍ ଏବଂ ଅନଲାଇନ୍ ପ୍ରୟୋଗ ସଫ୍ଟୱେୟାରର ବିକାଶ-**

ଜାତୀୟ ସୂଚନା କେନ୍ଦ୍ର (NIC) ର ସାହାଯ୍ୟରେ ଏକ ନୂତନ ୱେବସାଇଟ୍ ଏବଂ ଅନଲାଇନ ପ୍ରୟୋଗ ସଫ୍ଟୱେର ର ଉନ୍ନତି କରଣ କରାଯାଉଅଛି । ଏହି ପ୍ରକ୍ରିୟା ଦ୍ୱାରା ଅନେକ କଲ୍ୟାଣକାରୀ ଯୋଜନା ବିଷୟରେ ବହୁ ପୂର୍ବତନ ସୈନିକ ଏବଂ ତାଙ୍କର ପରିବାରବର୍ଗ ଅବଗତ ହେବେ ।

- **ପୂର୍ବତନ ସୈନିକଙ୍କ ପିଲାମାନଙ୍କର MBBS/BDS/B.TECH ରେ ପଢିବା ନିମନ୍ତେ ସେମାନଙ୍କର କୋଟା ଅନୁସାରେ ଏଡମିଶନ ର ସୁବିଧା**

ପୂର୍ବତନ ସୈନିକଙ୍କ ପିଲାମାନେ NEET ଏବଂ JEE-୨୦୨୩ ପରୀକ୍ଷାରେ ଅଂଶଗ୍ରହଣକରି ଉତ୍ତୀର୍ଣ୍ଣ ହୋଇଛନ୍ତି, ସେମାନଙ୍କ ଦରଖାସ୍ତ ତଦାରଖ କରିବା ନିମନ୍ତେ ୦୨ ଗୋଟି ପୃଥକ ବୋର୍ଡ ଗଠନ କରାଯାଇଥିଲା । Counselling ତଥା ଏଡମିଶନ ନିମନ୍ତେ ସର୍ବମୋଟ ୨୭୮ ଟିଦରଖାସ୍ତ (NEET ପାଇଁ ୧୨୫ ଟି ତଥା B-Tech/ B-Plan / B-Pharm ପାଇଁ ୧୫୩ ଟି) OJEE କୁ କାଉନସେଲିଙ୍ଗ ଏବଂ ଏଡମିଶନ ନିମନ୍ତେ ସୁପାରିଶ କରାଯାଇଥିଲା ।

- **ପୂର୍ବତନ ସୈନିକମାନଙ୍କୁ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ରେ ପୁନଃ ଥଇଥାନ୍**

ରାଜଭବନରେ ୧୨ ଜଣ, ଏସବିଆଇରେ ୧୬୩ ଜଣ, ସିକ୍ୟୁରିଟଗାର୍ଡରେ ପୂର୍ବତନ ସୈନିକମାନଙ୍କର ନିଯୁକ୍ତି ହୋଇଅଛି । ସେହିଭଳିଭାବରେ ଅନେକ ପୂର୍ବତନ ସୈନିକ OMC ରେ ଏବଂ ବେସରକାରୀ ସଂସ୍ଥା ମାନଙ୍କରେ ନିଯୁକ୍ତି ହୋଇଛନ୍ତି। ଏହାସହିତ ଏସବିଆଇ ରେ ୩୨୭ ଜଣ ସିକ୍ୟୁରିଟ ଗାର୍ଡରେ ନିଯୁକ୍ତି ପାଇଁ ପୂର୍ବତନ ସୈନିକମାନଙ୍କ ନାମ ଅନୁମୋଦନ କରାଯାଇଛି। ଏବେ କ୍ରିୟାଶୀଳ ପ୍ରଣାଳୀରେ ଅଛି।

- **ରାଜ୍ୟ ଏବଂ ଜିଲ୍ଲା ସୈନିକ ବୋର୍ଡମାନଙ୍କରେ ପୂର୍ବତନ ସୈନିକ ମାନଙ୍କର ନିଯୁକ୍ତିକରଣ:-**

୧୯ ଜଣ ପୂର୍ବତନ ସୈନିକମାନଙ୍କୁ ରାଜ୍ୟ ଏବଂ ଜିଲ୍ଲା ସୈନିକ ବୋର୍ଡରେ ଭିନ୍ନ ଭିନ୍ନ ପଦବୀରେ ନିଯୁକ୍ତି କରାଯାଇଛି ।

- **ଉଚ୍ଚଶିକ୍ଷା ନିମନ୍ତେ ପ୍ରମାଣପତ୍ର:-**

ମୋଟ୍ ୫୫୯ ଜଣ ପୂର୍ବତନ ସୈନିକମାନଙ୍କର ଦସ୍ତାବିଜ ଯାଞ୍ଚ କରାଯାଇ ସମୋନଙ୍କର ପିଲାମାନଙ୍କ ଶିକ୍ଷାନିମନ୍ତେ ବିଭିନ୍ନ ଶିକ୍ଷାଅନୁଷ୍ଠାନରେ ସଂରକ୍ଷିତ ଥବା ସ୍ନାତକ, ସ୍ନାତକରେ ଡିପ୍ଲୋମା ଓ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ଜାଣିବା ପାଇଁ ପ୍ରମାଣ ପତ୍ରପ୍ରଦାନ କରାଯାଇଛି।

- **ରାଜ୍ୟ ଏବଂ ଜିଲ୍ଲା ସୈନିକ ବୋର୍ଡ ନିମନ୍ତେ କେନ୍ଦ୍ରୀୟ ସହାୟତା ରାଶି :-**

ଆର୍ଥିକ ବର୍ଷ ୨୦୨୧–୨୨ ର ଚୂଡାନ୍ତ କେନ୍ଦ୍ରୀୟ ସହାୟତା ରାଶି ଟ. ୩୦,୯୬,୬୨୯/- ଏବଂ ଆର୍ଥିକ ବର୍ଷ ୨୦୨୩–୨୪ ର ଅଗ୍ରୀମ କେନ୍ଦ୍ରୀୟ ସହାୟତା ରାଶି ଟ. ୪୮,୫୯,୮୫୦/- ର ନିମନ୍ତେ ଚିଠିଦ୍ୱାରା ଅନୁରୋଧ କରାଯାଇଛି।

- **ପ୍ରଧାନ ମନ୍ତ୍ରୀ ଛାତ୍ରବୃତ୍ତି ସହାୟତା (ବାଳିକା ମାନଙ୍କ ନିମନ୍ତେ ଗ. ୩୬,୦୦୦/- ଏବଂ ବାଳକ ମାନଙ୍କ ନିମନ୍ତେ ଗ. ୩୦,୦୦୦/-):-**

ପୂର୍ବତନ ସୈନିକ, ମୃତ ସୈନିକମାନଙ୍କର ବିଧବା ପତ୍ନୀଙ୍କ ପିଲାମାନଙ୍କଠାରୁ ମୋଟ୍ ୩୯୮ ଟି ଅନ୍‌ଲାଇନ ଦରଖାସ୍ତ ଗ୍ରହଣ କରାଯାଇ କେନ୍ଦ୍ରୀୟ ସୈନିକ ବୋର୍ଡକୁ ଅନୁମୋଦନ ତଥା ଶିକ୍ଷାବୃତ୍ତି ପ୍ରଦାନ ନିମନ୍ତେ ପଠାଯାଇଅଛି।

- **ମିଶ୍ରିତ ପାଣ୍ଠିରୁ ସହାୟତା ରାଶି ପ୍ରଦାନ:-**

ନିମ୍ନରେ ଦର୍ଶାଯାଇଥିବା ସହାୟତା ରାଶି ପୂର୍ବତନ ସୈନିକ ତଥା ପୂର୍ବତନ ସୈନିକମାନଙ୍କ ପତ୍ନୀ ମାନଙ୍କୁ ଆମାଲ ଗମାଟେଡ ଫଣ୍ଡ (ମିଶ୍ରିତ ପାଣ୍ଠି) ରୁ ପ୍ରଦାନ କରାଯାଇଅଛି ।

  - ଟ. ୫,୪୬,୦୦୦/- ଅଣ ପେନସନଧାରୀ ପୂର୍ବତନ ସୈନିକ / ବିଧବା
  - ଟ. ୧,୧୪,୦୦୦/- ଅନ୍ଧ / ଶାରୀରିକ ଅସାମର୍ଥ୍ୟ ପୂର୍ବତନ ସୈନିକ
  - ଟ. ୧୮,୦୦୦/- ପୂର୍ବତନ ସୈନିକଙ୍କ ଅନାଥ ପିଲା
  - ଟ. ୧୨,୦୦୦/- ଭିନ୍ନକ୍ଷମ ପିଲା

- **୨୫ ତମ ଆମାଲ ଗାମାଟେଡ ଫଣ୍ଡ ଉପବୈଠକ:-**

ସ୍ୱତନ୍ତ୍ର ଶାସନସଚିବଙ୍କ ଅଧ୍ୟକ୍ଷତାରେ ଆମାଲ ଗାମାଟେଡ ଫଣ୍ଡର ୨୫ ତମ ଉପ ବୈଠକ ତା୩୦.୦୫.୨୦୨୩ ରେ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ରାଜ୍ୟପାଳ ମହୋଦୟଙ୍କ ଅନୁମୋଦନ ପରେ କାର୍ଯ୍ୟବିବରଣୀ ରେ ନିଆଯାଇଥିବା ପଦକ୍ଷେପ ଲାଗୁ କରାଗଲା । ପୂର୍ବତନ ସୈନିକ ତଥା ସମୋନଙ୍କ ପତ୍ନୀ ମାନେ ଉପକୃତ ହୋଇଅଛନ୍ତି।

- **ଅଡିଟ୍ AG (A & E):–** ଆର୍ଥିକବର୍ଷ ୨୦୨୧–୨୨ର ଅଡିଟ ପ୍ରକ୍ରିୟା ସମ୍ପନ୍ନ ହୋଇଅଛି।

# ଦଶମ ଅଧ୍ୟାୟ

## ରାଜ୍ୟ ଅତିଥି ଭବନ

ରାଜ୍ୟଅତିଥି ଭବନ, ଭୁବନେଶ୍ୱରରେ ୯୫ ଟି ଡବଲ ବେଡ ଏସି ରୁମ୍ ଅଛି । ପୁରୁଣା କମପ୍ଲେକ୍ସ ବିଲଡିଂରେ ଗୋଟିଏ ଭିଭିଆଇପି ରୁମ୍, ୧୦ ଟି ଭିଆଇପି ରୁମ୍ ଏବଂ ୨୮ ଟି ଡିଲକ୍ସ ରୁମ୍ ଅଛି । ନୂତନ ଆନନେକ୍ସ ବିଲଡିଂ ରେ ୧୫ ଟି ଭିଆଇପି ରୁମ ଏବଂ ୪୧ ଟି ଡିଲକ୍ସ ରୁମ ର ବ୍ୟବସ୍ଥା ଅଛି । ୨୦୨୩-୨୪ ବର୍ଷରେ, ପ୍ରାୟ ୯୪୬ ରାଜ୍ୟ ଅତିଥି ଏବଂ ୨୨,୪୬୫ ଅନ୍ୟ ଅତିଥିଙ୍କୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ସ୍ଥାନିତ କରାଯାଇଛି।

### ୨୦୨୩-୨୪ ବର୍ଷର ପ୍ରମୁଖ ସଫଳତା

- ୦୧.୦୪.୨୦୨୩ ରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ ଅବଧି ପାଇଁ ସମୁଦାୟ ୧,୬୯,୫୫,୯୦୭/ -ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି ।

- ହୋମ୍ (ପ୍ରୋଟୋକଲ୍) ଡିପାର୍ଟମେଣ୍ଟ ସହିତ ସମନ୍ୱୟ ରଖାଯାଇ, ଜୁଲାଇ ୨୦୨୩ ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ, ଅଗଷ୍ଟ ୨୦୨୩ ରେ ଓଡିଶା ହାଇକୋର୍ଟର ପ୍ରଧାନ ବିଚାରପତିଙ୍କ ଶପଥ ଗ୍ରହଣ ସମାରୋହ, ଜାନୁଆରୀ ୨୦୨୪ ରେ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଫେବୃଆରୀ ୨୦୨୪ ରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ, ଫେବୃଆରୀ ୨୦୨୪ ରେ ଜାତୀୟ ସ୍ତରୀୟ ସୂଚନା ଆୟୋଗ ସମ୍ମିଳନୀ ଇତ୍ୟାଦି ସରକାରୀ କାର୍ଯ୍ୟକ୍ରମ ଗୁଡିକର ସଫଳ ପରିଚାଳନା କରାଯାଇଅଛି ।

- ହୋମ୍ (ପ୍ରୋଟୋକଲ୍) ଡିପାର୍ଟମେଣ୍ଟ ସହିତ ସମନ୍ୱୟ ରଖାଯାଇ, ନଭେମ୍ବର ୨୦୨୩ ଓ ୨୮ ଫେବୃଆରୀ ରୁ ୦୨ ମାର୍ଚ୍ଚ ୨୦୨୪ ରେ ଭାରତର ମାନ୍ୟବର ରାଷ୍ଟ୍ରପତି, ୦୫ ମାର୍ଚ୍ଚ ୨୦୨୪ ରେ ଭାରତର ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଗୁଡିକ ସଫଳ ରୂପାୟନ କରାଯାଇଛି ।

- ଜୁନ୍ ୨୦୨୩ ରେ ବାଲେଶ୍ୱର ଜିଲ୍ଲା ବାହାନାଗା ଟ୍ରେନ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ପରିବାର ଏବଂ ସମ୍ପର୍କୀୟ ମାନଙ୍କ ସହିତ ଅନ୍ୟ ରାଜ୍ୟରୁ ଆସିଥିବା ଅଧିକାରୀ ମାନଙ୍କୁ ଆବଶ୍ୟକ ପ୍ରୋଟୋକଲ୍ ସହାୟତା ଏବଂ ଆତିଥ୍ୟ ପ୍ରଦାନ କରାଯାଇଛି ।

### ଭବନ ପ୍ରତିଷ୍ଠାନ

### ୧୦.୧ ଉତ୍କଳ ଭବନ,କୋଲକତା

ଉତ୍କଳ ଭବନ, କୋଲକତା ଜାନୁୟାରୀ ୧୯୬୭ ମସିହାଠାରୁ କୋଲକତା ସ୍ଥିତ ଲେନିନ ସରଣି-୧୩ କାର୍ଯ୍ୟକ୍ଷମ ଅଛି । ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି ।

| କୋଠରି | ସଂଖ୍ୟା |
|---|---|
| ୧. ସ୍ପେଶାଲ୍ କୋଠରି ଦୁଇ ଶଯ୍ୟା ବିଶିଷ୍ଟ- | ୬ |
| ୨. ସାଧାରଣ କୋଠରି ଦୁଇ ଶଯ୍ୟା ବିଶିଷ୍ଟ - | ୧୫ |
| ୩. ସାଧାରଣ କୋଠରି ଏକ ଶଯ୍ୟା ବିଶିଷ୍ଟ- | ୪ |
| ୪. ଡୋର୍ମିଟରୀ ଆଠ ଶଯ୍ୟା ବିଶିଷ୍ଟ- | ୨ |

୨୦୨୩ ରେବର୍ଷ ୨୪- ଡିସେମ୍ବର, ୨୦୨୩ ସୁଦ୍ଧା ୫୯୪୭ ଗୋଟି ଶଯ୍ୟା ଅତିଥି ମାନଙ୍କ ରହଣି ପାଇଁ ବ୍ୟବହାର ହୋଇଛି ଏବଂ ଅତିଥି ମାନଙ୍କ ଠାରୁ ଏ ବାବଦରେ ମୋଟ ୩୨,୩୩,୫୨୮ ଟଙ୍କା (ବତିଶ ଲକ୍ଷ ତେତିଶ ହଜାର ପାଞ୍ଚସହ ଅଠେଇଶ ଟଙ୍କା ) କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ଆଦାୟ କରାଯାଇଛି ।

## ୧୦.୨ ଓଡିଶା ଭବନ ,ଭାସି ,ନାଭି ମୁମ୍ବାଇ

ଓଡିଶା ଭବନ, ପ୍ଲଟ ନଂ-୦୫, ସେକ୍ଟର-୩୦/ଏ, ଭାସି, ନାଭି ମୁମ୍ବାଇ-୪୦୦୭୦୩ ଠାରେ ୩୦.୧୦.୨୦୧୦ ରୁ କାର୍ଯ୍ୟକ୍ଷମ କରାଯାଇଅଛି । ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି ।

| କୋଠରି | ସଂଖ୍ୟା |
|---|---|
| ୧. ସୁଇଟ (ଦୁଇ ଶଯ୍ୟା ବିଶିଷ୍ଟ)- | ୦୪ |
| ୨. ଶୀତତାପ ନିୟନ୍ତ୍ରିତ ଡର୍ମିଟରୀ (୦୬ ଶଯ୍ୟା ବିଶିଷ୍ଟ ) | ୨୪ |
| ୩. ଛଅ ଶଯ୍ୟା ବିଶିଷ୍ଟ କୋଠରି- | ୦୪ |
| ୪. ସମ୍ମିଳନୀ କକ୍ଷ (୧୦୦ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ) | ୦୧ |
| ୫. ପୋଡିଅମ (୩୫୦ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ) | |

୨୦୨୩ –୨୪ ମସିହାରେ ଡିସେନମ୍ବର, ୨୦୨୩ ସୁଦ୍ଧା ରୋଗୀ/ଅତିଥି ମାନଙ୍କ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ୪୧,୮୨,୯୯୪ -/ଟଙ୍କା ଆଦାୟ କରାଯାଇଛି ।

## ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ବିଷୟରେ

ଆବାସିକ କମିଶନରଙ୍କ କାର୍ଯ୍ୟାଳୟ, ନୂଆ ଦିଲ୍ଲୀ, ଓଡ଼ିଶା ସରକାରଙ୍କ ଗୃହ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଅଛି । ଏହି କାର୍ଯ୍ୟାଳୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟକରେ । ତତ ସହିତ **ତିନିଟି** ଗେଷ୍ଟହାଉସ୍ (ଓଡ଼ିଶାଭବନ,ଓଡ଼ିଶାନିୱାସ ଏବଂ ଓଡିଶାସଦନ) ଚଲାଇବା ଉପରେ ମଧ୍ୟ ଦୃଷ୍ଟିଦେଇଥାଏ । ରାଜ୍ୟ PSU ଗୁଡ଼ିକର କାର୍ଯ୍ୟାଳୟ, ଜଳସମ୍ପଦ, ସୂଚନା, ଜନସମ୍ପର୍କ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟାଳୟଗୁଡ଼ିକ ଏହି ପ୍ରତିଷ୍ଠାନର ଏକ ଅଂଶ । ଶ୍ରମବିଭାଗର ପ୍ରବାସୀ ଶ୍ରମିକ ସହାୟତା ଡେସ୍କ, ଶିଶୁ ସୁରକ୍ଷା ଶିଶୁଅଧିକାରର ସୁରକ୍ଷାସେଲ୍ ଏବଂ ଓଡିଶା ନିବେଶ ଏବଂ ରପ୍ତାନି ପ୍ରୋତ୍ସାହନ କାର୍ଯ୍ୟାଳୟ ମଧ୍ୟ ଏହି ସମନ୍ୱିତ କାର୍ଯ୍ୟାଳୟର ଏକ ଅଂଶ ।

## ୧୦.୩ ସଂଯୋଗ ସ୍ଥାପନ ଏବଂ ସାଧାରଣ କାର୍ଯ୍ୟକଳାପ

ବାର୍ଷିକ କାର୍ଯ୍ୟକ୍ରମ ଉତ୍କଳ ଦିବସ ୨୦୨୩ ସଫଳ ଭାବେ ଆୟୋଜନ କରାଯାଇଥିଲା । ସ୍ୱାଧୀନତା ଦିବସ ଏବଂ ସାଧାରଣତନ୍ତ୍ର ଦିବସ ଅବସରରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଭାରତପର୍ବ ଉତ୍ସବରେ ଓଡ଼ିଶାର ଅଂଶଗ୍ରହଣ କରିବା ନିମନ୍ତେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସମନ୍ୱୟ କରିଥିଲା । ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଓଡିଶା ପ୍ରଗତି ମୈଦାନ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା IITF ୨୦୨୨ ଅଂଶଗ୍ରହଣ କରିବା ନିମନ୍ତେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସମସ୍ତ ପ୍ରକାର ସମନ୍ୱୟ ଏବଂ ସହାୟତା ଯୋଗାଇ ଦେଇଥିଲା । ଏଥିରେ ପ୍ରଦର୍ଶିତ ହୋଇଥିବା ଓଡିଶା ପାଭିଲିଅନକୁ ( Odisha Pavilion ) ସ୍ୱତନ୍ତ୍ର ପ୍ରଶଂସା ପତ୍ର ମିଳିଥିଲା ।

## ୧୦.୪ ସଂସଦ ଅଧିବେଶନ ସଂକ୍ଷିପ୍ତ ବିବରଣୀ:

୨୦୨୩ ମସିହାରେ ସଂସଦର ମୌସୁମୀ ଅଧିବେଶନ ଏବଂ ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ବିଭାଗୀୟ ସଂକ୍ଷିପ୍ତ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ସଂକଳନ କରାଯାଇଥିଲା । ଏବଂ ସଂସଦର ମାନ୍ୟବର ସଦସ୍ୟ ମାନଙ୍କୁ ସଂକଳନ ଠିକ ସମୟରେ ବଣ୍ଟନ କରାଯାଇଥିଲା ।

## ୧୦.୫ ମକଦ୍ଦମା ପରିଚାଳନା ସିଷ୍ଟମ୍ (LMS) କକ୍ଷ:

ଏହି କାର୍ଯ୍ୟାଳୟ ସୁପ୍ରିମକୋର୍ଟ,ହାଇକୋର୍ଟ ଏବଂ ନୂଆଦିଲ୍ଲୀରେ ଥିବା ଅନ୍ୟ କ୍ୱାସି ଜୁଡିସିଆଲ ଫୋରମ୍ ଥିବା ସମସ୍ତ ବିଚାରାଧୀନ ମାମଲା ଉପରେ ନଜର ରଖିଥାଏ ଏବଂ ଟ୍ରାକ କରିଥାଏ । ଏହି କକ୍ଷ ସମସ୍ତ AORs ସହିତ ଯୋଗାଯୋଗ କରି ଉଚିତ ସମୟ ମଧ୍ୟରେ କାର୍ଯ୍ୟ ନିଶ୍ଚିତ କରିବାକୁ ସମ୍ପୃକ୍ତ ବିଭାଗ ଗୁଡିକ ସୂଚନା କରିଥିଲା |

## ୧୦.୬ ନାଗରିକ କଲ୍ୟାଣ କାର୍ଯ୍ୟକ୍ରମ

ଏହି ଅଫିସ ଶ୍ରମିକ ଏବଂ କର୍ମଚାରୀ ରାଜ୍ୟ ବୀମା କାର୍ଯ୍ୟାଳୟ ଏବଂ ବୈଦେଶିକ ମନ୍ତ୍ରାଳୟ ସହିତ ସମ୍ବନ୍ଧୟ ରଖିଥାଏ ଏବଂ ନିରନ୍ତର ପ୍ରୟାସ କରି ତାଙ୍କୁ ସହାୟତା ଯୋଗାଇଥାଏ ଏହି କାର୍ଯ୍ୟାଳୟ ଦେଶ ବିଦେଶରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକ ମାନଙ୍କର ଦେଖାଶୁଣା କରିଥାଏ । ପ୍ରତି ମାସ ଦିଲ୍ଲୀ ରେ ଜ଼ିଲ୍ଲାସ୍ତରୀୟ ସଭା ଗୁଡିକ ଯୋଗ ଦିଆ ଯାଉଥିଲା ଏବଂ ଏହି ସଭା ରେ ବିଭିନ୍ନ ଶିଶୁ ଶ୍ରମିକଙ୍କ ବିଷୟରେ ଆଲୋଚନା କରାଯାଉଥିଲା ।

ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ ଅଂଚଳରେ ଶିଶୁ ଶ୍ରମିକଙ୍କ ସମସ୍ୟା ସମ୍ବନ୍ଧରେ ହେଉଥିବା ମାସିକ ବୈଠକରେ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଯୋଗ ଦେଇଥିଲା ।

ଓଡିଶା ଅଧିବାସୀଙ୍କ ଶିକ୍ଷା, ଜନ୍ମ ଏବଂ ବିବାହ ସମ୍ବନ୍ଧୀୟ ତଥ୍ୟର ପୂର୍ବ - ପ୍ରାମାଣୀକିକରଣ କାର୍ଯ୍ୟ ବୈଦେଶିକ ମନ୍ତ୍ରାଳୟ କରାଯାଇଥାଏ । ଓଡିଶା ସରକାରଙ୍କ ପ୍ରଦତ୍ତ ବିପିଏଲ / ରାସନ କାର୍ଡ କିମ୍ବା ଅନ୍ୟ ନଥି ପତ୍ରର ପ୍ରାମାଣୀକତା ଏବଂ ଅନୁବାଦ କାର୍ଯ୍ୟ ଏହି କାର୍ଯ୍ୟାଳୟ ପକ୍ଷରୁ କରାଯାଇଥାଏ ।

## ୧୦.୭ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅନ୍ତର୍ଗତ ପାଣ୍ଠିପ୍ରାପ୍ତ

ବିଭିନ୍ନ ମନ୍ତ୍ରାଳୟରୁ କେନ୍ଦ୍ରୀୟ ଯୋଜନା ର ପାଣ୍ଠିପାଇଁ ବିଭିନ୍ନ ନୋଡାଲ ଅଫିସର ନିରନ୍ତର ପ୍ରୟାସ କରୁଛନ୍ତି । ନୋଡାଲ ଅଧିକାରୀମାନେ ବିଭିନ୍ନ ମନ୍ତ୍ରାଳୟ ତଥା ବିଭାଗ ସହିତ ଯୋଗାଯୋଗ କରୁଛନ୍ତି । ଅର୍ଥ ବିଭାଗ ପତ୍ର ଲେଖି ବିଭିନ୍ନ ବିଭାଗକୁ ଆମ ରାଜ୍ୟ ପାଇଁ ପାଣ୍ଠିପ୍ରାପ୍ତ ପାଇଁ ନୋଡାଲ ଅଫିସର ମାନେ କେନ୍ଦ୍ରୀୟ ମନ୍ତ୍ରାଳୟ ସହିତ ସମ୍ବନୟ ରଖି କାର୍ଯ୍ୟ କରୁଛନ୍ତି । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ ସମୁଦାୟ ୧୯୧୫୯.୦୦ କୋଟି ଟଙ୍କା ପାଣ୍ଠି ପ୍ରାପ୍ତ ହୋଇଛି ।

## ଓଡିଶା ଭବନ, ଚେନ୍ନାଇ

ଓଡିଶା ଭବନ, ଚେନ୍ନାଇ ୨୫.୦୯.୨୦୧୮ ଠାରୁ କାର୍ଯ୍ୟକ୍ଷମ କରାଯାଇଅଛି। ଏହି ଭବନରେ ନିମ୍ନପ୍ରଦତ୍ତ କୋଠରି ଉପଲବ୍ଧ ଅଛି।

| କୋଠରି | ସଂଖ୍ୟା |
|---|---|
| ୧. ସୁଇଟ ଦୁଇ ଶଯ୍ୟା ବିଶିଷ୍ଟ | ୦୫ |
| ୨. ଦୁଇ ଶଯ୍ୟା ବିଶିଷ୍ଟ କୋଠରି | ୧୬ |
| ୩. ଏସି ଡୋର୍ମିଟରୀ (୬ ଶଯ୍ୟା ଏବଂ ୪ ଶଯ୍ୟା ବିଶିଷ୍ଟ ) | ୦୨ |
| ୪. ସମ୍ମିଳନୀ କକ୍ଷ- | ୦୧ |
| ୫. ଅଡିଟରିୟମ- | ୦୧ |

୨୦୨୩ -୨୪ ମସିହାରେ ଡିସେନମ୍ବର, ୨୦୨୩ ସୁଦ୍ଧା ୫୧୮୭ ଶଯ୍ୟା ନିମନ୍ତେ କୋଠରି ଭଡା ଏବଂ ସମ୍ମିଳନୀ କକ୍ଷ ଭଡା ବାବଦରେ ୪୦,୪୬,୦୦୦-/ ଟଙ୍କା ଆଦାୟ କରାଯାଇଛି ।

## ଓଡିଶା ଭବନ, ବେଙ୍ଗାଲୁରୁ

କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ଦ୍ୱାରା ବେଙ୍ଗାଲୁରୁ ଠାରେ ଏକ ଓଡିଶା ଭବନର ନିର୍ମାଣ ପାଇଁ , କର୍ଣ୍ଣାଟକ ର ବେଙ୍ଗାଲୁରୁ ଅନ୍ତର୍ଗତ ସାମ୍ପିଗହେଲ୍ଲୀ ର ଅର୍କବତୀ (ଲେଆଉଟ ତୃତୀୟ ବ୍ଲକ) ସର୍ଭେ ନମ୍ବର ୩୭, ୪୭ ଏବଂ ୪୮ ରେ ୩୭୪୮.୫୦ ସ୍କୋୟାର ମିଟର ପରିମାଣର ଜମି ଓଡିଶା ସରକାରଙ୍କ ସପକ୍ଷରେ ଲିଜ ସୂତ୍ରରେ ୩୦ ବର୍ଷ ପାଇଁ ଆବଣ୍ଟନ କରାଯାଇଅଛି ।

ଏହି ଭବନର ନିର୍ମାଣ ପାଇଁ ୨୭,୬୨,୩୨,୯୯୭/- ଟଙ୍କାର ବିଭାଗୀୟ ସ୍ୱୀକୃତି (Administrative Approval) ଦିଆଯାଇଅଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ଓଡିଶା ପୋଲିସ ହାଉସିଂ କର୍ପୋରେସନ କୁ ପ୍ରଦାନ କରାଯାଇଛି। ଏହି ଭବନର ଜମି କ୍ରୟ ବାବଦରେ ୩,୯୮,୧୦,୦୯୪/- ଟଙ୍କା ପ୍ରଦାନ କରାଯାଇଅଛି । ଏହାର ନିର୍ମାଣ ନିମନ୍ତେ Bangalore Development Authority ଙ୍କ ଠାରୁ Building Plan ଅନୁମୋଦନ ପ୍ରାପ୍ତ କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁ କରାଯାଇଛି।

## ଇ-ଭବନ ପୋର୍ଟାଲ

ଗୃହ ବିଭାଗ ଅଧିନରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇ ଠାରେ ଅବସ୍ଥିତ ଭବନ ଗୁଡିକରେ ରୁମ ଆରକ୍ଷଣ ନିମନ୍ତେ ଇ-ଭବନ ପୋର୍ଟାଲ ତା ୦୮.୦୭.୨୦୨୦ ଠାରୁ କାର୍ଯ୍ୟକାରୀ କରାଯାଇଛି ।

ଏହି ବ୍ୟବସ୍ଥାରେ ଉପରୋକ୍ତ ଭବନ ଗୁଡିକରେ ରୁମ କିମ୍ବା ଯାନ ଆରକ୍ଷଣ ଆଶାୟୀ ବ୍ୟକ୍ତି ଅନଲାଇନରେ bhawan.homeodisha.gov.in ପୋର୍ଟାଲରେ ନିଜ ସୁବିଧା ଅନୁସାରେ ଆବଦେନ କରି ପାରୁଛନ୍ତି ଏବଂ ଆରକ୍ଷଣର ସୂଚନା ଏସ.ଏମ.ଏସ (SMS) ଦ୍ୱାରା ସୁବିଧାରେ ପାଇ ପାରୁଛନ୍ତି ।

ଉପରୋକ୍ତ ଭବନ ଗୁଡିକରେ ପ୍ରଦାନ କରାଯାଉଥିବା ସେବା ଗୁଡିକର ଗୁଣବତ୍ତା ବୃଦ୍ଧି ନିମନ୍ତେ ଅତିଥି ମାନଙ୍କ ନିକଟରୁ ମତାମତ ସଂଗ୍ରହ ଉଦ୍ଦେଶ୍ୟରେ e-Bhawan Portal ରେ Feedback System ର ଆରମ୍ଭ କରାଯାଇଛି।

e-Bhawan Portal ର ଉନ୍ନତି ତଥା ରକ୍ଷଣାବେକ୍ଷଣ ନିମନ୍ତେ ନିକଟରେ NIC ଭୁବନେଶ୍ୱରକୁ ଟ. ୭୮,୮୬,୮୧୫/- ପ୍ରଦାନ କରାଯାଇଛି ।

# ଏକାଦଶ ଅଧ୍ୟାୟ

## ଅଭିଯୋଜନ ନିର୍ଦ୍ଦେଶାଳୟ

ରାଜ୍ୟରେ ଅଭିଯୋଜନ ପ୍ରଥାର କାର୍ଯ୍ୟଦକ୍ଷତାକୁ ନିୟନ୍ତ୍ରଣ କରିବା ପାଇଁ ୧୯୮୨ ମସିହାରେ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ସୃଷ୍ଟି କରାଯାଇଥିଲା । ୧୯୭୧ ମସିହା ଓଡିଶା ଲ-ଅଫିସରସ ରୁଲସ୍ ଅନୁସାରେ ଠିକାଭିତ୍ତିକ ନିଯୁକ୍ତି ପାଇଥିବା ଅଭିଯୋଜକ ମାନଙ୍କର କାର୍ଯ୍ୟଦକ୍ଷତାରେ ଆବଶ୍ୟକୀୟ ଉନ୍ନତି ପରିଲିକ୍ଷିତ ହୋଇ ପାରିନଥିଲା । ତେଣୁ ୧୯୯୭ ମସିହାରେ ସରକାର କ୍ୟାଡରଭିତ୍ତିକ ଅଭିଯୋଜକ ନିଯୁକ୍ତି ପାଇଁ ଓଡିଶା ପ୍ରସିକ୍ୟୁସନ ସର୍ଭିସ ରୁଲସ୍ ପ୍ରଚଳିତ କଲେ । ଉକ୍ତ ନିୟମ ଅନୁସାରେ ୧ ଗୋଟି ଯୁଗ୍ମ ନିର୍ଦ୍ଦେଶକ, ୦୨ ଗୋଟି ଉପନିର୍ଦ୍ଦେଶକ, ୫୮ଟି ଅଭିଯୋଜକ, ୯୮ ଟି ଅତିରିକ୍ତ ଅଭିଯୋଜକ ଏବଂ ୨୫୪ ଟି ସହାୟକ ଅଭିଯୋଜକ ପଦବୀ ଅଭିଯୋଜନର ମାନ ବୃଦ୍ଧି ପାଇଁ ସୃଷ୍ଟି କରାଯାଇଥିଲା । ବର୍ତ୍ତମାନ ୩୦ ଜଣ ଅଭିଯୋଜକ, ୨୫ ଜଣ ଅତିରିକ୍ତ ଅଭିଯୋଜକ ଏବଂ ୧୭୬ ଜଣ ସହାୟକ ଅଭିଯୋଜକ ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ଅଛନ୍ତି ।

୦୧) ଅଧିକ ପ୍ରାର୍ଥୀଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ଦେବା ପାଇଁ Odisha State Prosecution Service Rules 1997 ରେ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଛି, ଯାହାଫଳରେ କି ଯୋଗ୍ୟ ପ୍ରାର୍ଥୀମାନେ Prosecution ସେବାକୁ ମଧ ତାଙ୍କ ଯୋଗ୍ୟତା ବଳରେ ଆସିପାରିବେ ଓ Prosecution ସେବାକୁ ବଳଶାଳୀ କରିପାରିବେ ।

୦୨). ସମସ୍ତ ଅଭିଯୋଜକ ମାନଙ୍କର କାର୍ଯ୍ୟ ଦକ୍ଷତାକୁ ସମୟ ଅନ୍ତରାଳରେ ତର୍ଜମା କରାଯାଇ ଦୋଷୀସିଦ୍ଧ ହାରବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି ।

୦୩) ଅଭିଯୋଜନ ପ୍ରଥାର ଉନ୍ନତି ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ସମୟ ସମୟରେ ଜିଲ୍ଲା ଅଭିଯୋଜକ ଏବଂ ଅଭିଯୋଜନ ନିର୍ଦ୍ଦେଶାଳୟ ମାଧମରେ ସମସ୍ତ ଅଭିଯୋଜକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

୦୪).କୋର୍ଟଗୁଡିକ ସୁବିଧାରେ ଏବଂ ସ୍ୱାବଳୀଳ ଭାବରେ କାମ କରିବା ପାଇଁ ଅଭିଯୋଜନ ନିର୍ଦ୍ଦେଶାଳୟ ତରଫରୁ ସରକାରୀ ଅଧିକାରୀ ମାନଙ୍କର କୋର୍ଟରେ ସାକ୍ଷ୍ୟଗ୍ରହଣ ନିମନ୍ତେ ଏହି ନିର୍ଦ୍ଦେଶାଳୟ ସେମାନଙ୍କ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରି ସାକ୍ଷୀ ମାନଙ୍କୁ କୋର୍ଟରେ ହାଜର କରାଇବା ପାଇଁ ପଦକ୍ଷେପ ନେଉଛନ୍ତି ।

୦୫). ଅଭିଯୋଜନର ମାନ ବୃଦ୍ଧି ନିମନ୍ତେ କ୍ୟାଡର ଅଭିଯୋଜକ ମାନଙ୍କୁ LNJN NICF, ନୂଆଦିଲ୍ଲୀ, ସେଣ୍ଟ୍ରାଲ୍ ଏକାଡେମୀ ଅଫ୍ ପୋଲିସ୍, ଭୋପାଳ, ସେଣ୍ଟ୍ରାଲ୍ ଡିଟେକ୍ଟିଭ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍, କୋଲକାତା, ଓଡିଶା ଜୁଡିସିଆଲ୍ ଏକାଡେମୀ, କଟକ ଏବଂ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ୍ ଏକାଡେମୀ, ଭୁବନେଶ୍ୱର ସଂସ୍ଥା ମାଧମରେ ତାଲିମ ଦିଆଯାଉଅଛି । ଏହି ତାଲିମରୁ ଆହରଣ କରିଥିବା ଅନୁଭୂତି କ୍ୟାଡର ଅଭିଯୋଜକ

ମାନଙ୍କର କାମରେ ପରିଲକ୍ଷିତ ହେଉଅଛି ଏବଂ ସେମାନେ ବଳିଷ୍ଠ ଭାବରେ କେସ ଗୁଡିକୁ ସରକାରଙ୍କ ତରଫରୁ ପରିଚାଳନା କରୁଛନ୍ତି ।

୦୬). ଜିଲ୍ଲା ସ୍ତରୀୟ ସ୍ଥାୟୀ କମିଟି ଦ୍ୱାରା ଦୋଷମୁକ୍ତ ମାମଲା ଗୁଡିକର ତର୍ଜମା କରାଯାଇ ଅଭିଯୋଜନର ପରିଚାଳନାରେ ଦୋଷଥିବା ଅଭିଯୋଜକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି ମାମଲାଗୁଡିକର ନିୟମିତ ତଦାରଖ କରିବା ଦ୍ୱାରା ଅଭିଳାସିତ ଫଳ ହାସଲ କରାଯାଇ Prosecution System କୁ ଶକ୍ତିଶାଳୀ କରା ଯାଉଅଛି

# ଦ୍ୱାଦଶ ଅଧ୍ୟାୟ

## ଓଡ଼ିଶା ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ

ବିଗତ ପାଞ୍ଚ ବର୍ଷରେ ନିଗମ ଦ୍ୱାରା ହାସଲ ହୋଇଥିବା ଅର୍ଥ କାରବାର ର ବିସ୍ତୃତ ବିବରଣୀ

| କ୍ରମିକ ସଂଖ୍ୟା | ଆର୍ଥିକ ବର୍ଷ | କାରବାର (କୋଟିରେ) | କର ପୂର୍ବରୁ ଲାଭ (କୋଟିରେ) | କର ପରେ ଲାଭ (କୋଟିରେ) | ମୋଟ ମୂଲ୍ୟ (କୋଟିରେ) |
|---|---|---|---|---|---|
| ୧ | ୨୦୧୮-୧୯ | ୩୧୬.୨୯ | ୨୬.୩୦ | ୧୭.୦୭ | ୧୨୩.୬୨ |
| ୨ | ୨୦୧୯-୨୦ | ୩୨୬.୨୬ | ୨୬.୮୧ | ୨୦.୦୪ | ୧୩୭.୬୫ |
| ୩ | ୨୦୨୦-୨୧ | ୩୫୭.୮୧ | ୨୮.୧୨ | ୨୦.୯୬ | ୧୫୨.୩୨ |
| ୪ | ୨୦୨୧-୨୨ | ୩୭୭.୪୮ | ୩୧.୨୩ | ୨୩.୧୬ | ୧୬୮.୫୪ |
| ୫ | ୨୦୨୨-୨୩ | ୫୩୭.୪୧ | ୪୦.୪୯ | ୩୦.୧୬ | ୧୮୯.୬୪ |

### ଗତ ପାଞ୍ଚ ବର୍ଷରେ ନିଗମର ପ୍ରମୁଖ ଉପଲବ୍ଧି :

- ନିଗମ  ନକ୍ସଲ ପ୍ରଭାବିତ ଅଞ୍ଚଳରେ ଏବଂ ଏସ.ଆର.ଇ ଜିଲ୍ଲାରେ ବି.ଏସ.ଏଫ ଓ ସି.ଆର.ପି.ଏଫ ପାଇଁ ପାଞ୍ଚଟି ପୋଲିସ୍ ଷ୍ଟେସନ୍ / ଅନ୍ୟାନ୍ୟ ପୋଲିସ୍ ପ୍ରକଳ୍ପ ଏବଂ ଦୁର୍ଗିତ ଭିତ୍ତିଭୂମି ନିର୍ମାଣ କରିଛି ।  ନିଗମ ଅଗ୍ନି, ଜେଲ ଓ ସଂଶୋଧନ ସେବା ଏବଂ ନ୍ୟାୟିକ ପ୍ରକଳ୍ପ ପାଇଁ ଫାୟାର ଷ୍ଟେସନ ଏବଂ ଜେଲ ବିଲଡିଂ ମଧ୍ୟ ନିର୍ମାଣ କରିଛି ।
- ନିଗମ ୨୦୨୩-୨୪ ଆର୍ଥିକ ବର୍ଷରେ , ୯୪୩ ରୁ ଅଧିକ ପୋଲିସ୍, ଫାୟାର୍, ଜେଲ୍, ନ୍ୟାୟପାଳିକା ଏବଂ ଜମା ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିଛି ।
- ବର୍ତ୍ତମାନ, ଆମେ ଓଡିଶାର ବିଭିନ୍ନ ସ୍ଥାନରେ ୧୨୨ ଗୋଟି ବସଷ୍ଟାଣ୍ଡ ନିର୍ମାଣ କରୁଛୁ ।
- ପତ୍ର ସଂଖ୍ୟା ୧୭୬୧୭ / ଏଚ ଇ ତା ୩.୦୬.୨୦୨୦ ରିଖ ମାଧ୍ୟମ ରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାର ନିଗମ କୁ ଏକମାତ୍ର କାର୍ଯ୍ୟକାରୀ ସଂସ୍ଥା ରୂପେ ତାର ସମସ୍ତ ବିଶ୍ୱବିଦ୍ୟାଳୟ ର ଗୃହ ନିର୍ମାଣ କାର୍ଯ୍ୟ (ସିଭିଲ/ ଇଲେକଟ୍ରିକାଲ) କରିବାକୁ ଅନୁମତି ସହିତ ରକ୍ଷଣାବ୍ୟକ୍ଷଣ ଦାଇତ୍ୱ ମଧ୍ୟ ପ୍ରଦାନ କରିଛନ୍ତି ।
- ନିଗମ ଗଞ୍ଜାମ ଜିଲ୍ଲାରେ ଆର.ଆର.ଇ.ଏଲ, ଭାରତ ସରକାରଙ୍କ ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟକୁ ହାତକୁ ନେବା ସହିତ ଓ.ଏସ.ଡ଼ି.ଏମ.ଏ ନିମନ୍ତେ ଓ.ଡ଼ି.ଆର.ଏଫ ପାଇଁ ନୂତନ ଗୃହ ତଥା ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଛି।
- ନିଗମ ରାଜ୍ୟ ଅତିଥି ଭବନର  ସଂଯୁକ୍ତ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି ଯାହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହୋଇଛି ଓ ବ୍ୟବହାର ପାଇଁ ହସ୍ତାନ୍ତର ହୋଇଛି ।
- ନିଗମ ବାଦାମବାଡି  ବସ୍ ଷ୍ଟାଣ୍ଡର ନବୀକରଣ କାର୍ଯ୍ୟ ଶେଷ କରି ବଲାଙ୍ଗୀର, ଜୟପୁର  ମୋଟୁ, ଅନୁଗୁଳ ଏବଂ

ସର୍ବୋଚ୍ଚ ଗୁଣବତ୍ତା ବଜାୟ ରଖିବା ପାଇଁ ୧୦ ମାସର ରେକର୍ଡ ସମୟ ମଧ୍ୟରେ ୪୩ ଗୋଟି ନୂତନ ବସ୍ ଷ୍ଟାଣ୍ଡ / ଟର୍ମିନାଲ ନିର୍ମାଣ କାର୍ଯ୍ୟ ହାତକୁ ନେଇଛି ।

- ନିଗମ ସି.ଏସ.ଆର ଯୋଜନାରେ ବିଭିନ୍ନ ନିର୍ମାଣ କାର୍ଯ୍ୟ କମ୍ପାନୀ ଅଧିନିୟମ ଅନ୍ତର୍ଗତ ହାତକୁ ନେଇଅଛି ।
- ନିଗମ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଅଧିନସ୍ଥ ଉତ୍କଳିକାର ମୁଖ୍ୟ ପ୍ରାସାଦ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସହିତ ଓଡ଼ିଶା ମୁଖ୍ୟ ଏକ୍ସାଇଜ୍ ଆଡମିନି. ବିଲଡିଂ ଏବଂ ଓ.ଏମ.ସି. ପାଇଁ ଖଣି ଅଞ୍ଚଳରେ ସୁରକ୍ଷା ସେନା ଦଳ ନିମନ୍ତେ ସେନା ନିବାସ ନିର୍ମାଣ କାର୍ଯ୍ୟ ହାତକୁ ନେଇଅଛି।
- ନିଗମ ଡ଼ି.ଟି.ଇ.ଟି ନିମନ୍ତେ ଶହେ ରୁ ଅଧିକ ସ୍ମାର୍ଟ ଶ୍ରେଣୀ ଗୃହ କାର୍ଯ୍ୟ ହାତକୁ ନେଇଅଛି ।
- ସର୍ବୋଚ୍ଚ ଗୁଣବତ୍ତା ବଜାୟ ରଖିବା ସହିତ ନିଗମ ୧୩ ଗୋଟି ଏଲ.ଏଲ. ପରୀକ୍ଷଣ କେନ୍ଦ୍ର, ୭ ଗୋଟି ଏ.ଡ଼ି.ଟି.ଏସ ଟ୍ରାକ୍ କାର୍ଯ୍ୟକାରୀ କରିଛି |
- ନିଗମ ବୌଦ୍ଧ ଜିଲା ପରିଷଦ ଏବଂ କମ୍ପାନୀ ପରିଚାଳିତ ବେସ ରେ ୧୧୨ ଟି ସୋଲାର ପ୍ରୋଜେକ୍ଟ ଏବଂ ଏସ.ଓ.ଜି ଚନ୍ଦକା ଏବଂ କୋରାପୁଟରେ ୦୨ ଟି କାର୍ଯ୍ୟକାରୀ କରିଅଛି ।
- ନିଗମ ନାଚୁଣୀ କଲେଜ, ଖୋର୍ଦ୍ଧା ଏବଂ କମାଣ୍ଡ କଣ୍ଟ୍ରୋଲ୍ ସେଣ୍ଟର୍ ବିଲଡିଂ, OSRTC ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି ଯାହାକି ବର୍ତ୍ତମାନ ନିର୍ମାଣାଧୀନ ଅଛି ।
- ଏହି ନିଗମ ଓଡିଶା ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପ୍ରକଳ୍ପ ଏବଂ ଓଡ଼ିଶା ଭବନର ବାଙ୍ଗାଲୁରୁ ଓ କର୍ଣ୍ଣାଟକ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟ ହାତକୁ ନେଇଛି ଯାହାକି ବର୍ତ୍ତମାନ ନିର୍ମାଣାଧୀନ ଅଛି ।
- ନିଗମ କଟକ ସ୍ଥିତ ଗୋବିନ୍ଦପୁର ର ଅରିଲୋ ଠାରେ ଥିବା ଓମ୍ଫେଡ୍ କ୍ଲଷ୍ଟର ଗୃହ, କର୍ମଚାରୀ ବାସଗୃହର ନିର୍ମାଣ କାର୍ଯ୍ୟ ନେଇଛି ।
- କର୍ପୋରେସନ୍ ବଲାଙ୍ଗୀର ର କଲେକ୍ଟର ବିଲଡିଂ, ୱେୟାର ହାଉସ୍ ଏବଂ କାଲାହାଣ୍ଡି ଜିଲ୍ଲାର ଜୁନାଗଡ ର ତାଲଜରିଙ୍ଗ ସ୍ଥିତ ଓଡିଶା ଷ୍ଟେଟ୍ ବେଭରେଜ୍ କର୍ପୋରେସନ୍ ଲିମିଟେଡ୍ (OSBC) ର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- ନିଗମ ଭୁବନେଶ୍ୱର ଠାରେ ନୂତନ ଓଡିଶା ସଚିବାଳୟ ତାଲିମ ପ୍ରତିଷ୍ଠାନ ଏବଂ ସମ୍ବଲପୁର ର OUAT ଚିପଲିମା ଠାରେ ଥିବା କୃଷି ମହାବିଦ୍ୟାଳୟର ନୂତନ ଅଡିଟୋରିୟମ୍ ବିଲ୍ଡିଂ (600 ଦକ୍ଷତା ବିଶିଷ୍ଟ) ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି।
- ନିଗମ ଜୟପୁରରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ପ୍ରାକୃତିକ ଗ୍ରାସ୍ ଫୁଟବଲ୍ ଫିଲ୍ଡ ସହିତ ୦୮ ଲେନ୍ ବିଶିଷ୍ଟ ୪୦୦ ମିଟର ସିନ୍ଥେଟିକ୍ ଆଥେଲେଟିକ୍ ଟ୍ରାକର ନିର୍ମାଣ କାର୍ଯ୍ୟ ନେଇଛି ।
- ନିଗମ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ସ୍ଥିତ ଜାମୁଜାରୀ ଠାରେ ବିଶ୍ୱସ୍ତରୀୟ ନୂଆ ମଡେଲ୍ ଜେଲ୍ ର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- ନିଗମ ଯାଜପୁର ଜିଲ୍ଲାର ଇରାବାଙ୍କା ଠାରେ ନୂତନ ଜେଲର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- ନିଗମ, ଭୁବନେଶ୍ୱର ସ୍ଥିତ ଗୋପବନ୍ଧୁ ଏକାଡେମି ର ନୂତନ ହଷ୍ଟେଲ ବିଲ୍ଡିଂ ଏବଂ କମନ୍ ଫ୍ୟାସିଲିଟି ସେଣ୍ଟର ର

ନିର୍ମାଣ କାର୍ଯ୍ୟ ନେଇଛି ।

- ନିଗମ ମୟୂରଭଞ୍ଜର ରାଇରଙ୍ଗପୁର ଠାରେ  ସ୍ପୋର୍ଟସ୍ କମ୍ପ୍ଲେକ୍ସର ବିକାଶ କାର୍ଯ୍ୟକୁ ହାତକୁ ନେଇଛି ।
- ନିଗମ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଠାରେ  ବହୁ ମହଲା ବିଶିଷ୍ଟ ଏକ୍ସାଇଜ୍ ଅଫିସ୍ ର ନିର୍ମାଣ କାର୍ଯ୍ୟ କୁ ଗ୍ରହଣ କରିଛି ।
- ନିଗମ ଓଡିଶାର ବିଭିନ୍ନ ସ୍ଥାନରେ ୨୨ଟି ଟ୍ରକ୍ ଟର୍ମିନାଲ୍  ର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- ନିଗମ ବେଙ୍ଗାଲୁରୁ, କର୍ଣ୍ଣାଟକ ଠାରେ ଓଡିଶା ଭବନ ଗୁଡିକର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- କଟକ ମହାନଗର ନିଗମ (CMC) ସ୍ଥିତ ଅନୁଗୁଳ-ପୁରୀ ବସଷ୍ଟାଣ୍ଡ ଠାରେ ନୂତନ ବିଶ୍ୱନାଥ ପଣ୍ଡିତ ପାଠାଗାର ର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- ନିଗମ କାଳାହାଣ୍ଡି ଜିଲ୍ଲାର ଜୁନାଗଡ ଠାରେ ଡାଲଜରିଙ୍ଗ ସ୍ଥିତ OSBC ପାଇଁ ଗୋଦାମ ଗୃହ ଏବଂ ଆନୁଷଙ୍ଗିକ କୋଠା ର ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛି ।
- ନିଗମ ୨୦୨୨-୨୩ ବର୍ଷ ପାଇଁ ୯.୦୫ କୋଟି ଟଙ୍କାର ଡିଭିଡେଣ୍ଡ ଘୋଷଣା କରିଛି ।